ସକାଳ



● ପାରିବାରିକ କଳହରୁ ଗଣ୍ଡଗୋଳ

## ବାପା ଗୁରୁତର ପୁଅ ଗିରଫ

**କର୍ଯ୍ୟାଁଗୋଲା, ୯।୩(ସମିସ):** ଦଶରଥପୁର ବ୍ଲକ ନିଜାମପୁର ପଞ୍ଚାୟତ ରଡ଼ଗାଁ ଗ୍ରାମ ବାପାପୁଅ ମଧ୍ୟରେ ଗଣ୍ଡଗୋଳ ହେବାରୁ ବାପା ଗୁରୁତର ହୋଇଛନ୍ତି। ଏହି ଘଟଣାରେ ମଙ୍ଗଳପୁର ଏସଆଇ ସଂକେତ ପଳେଇ ଜଣକୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି। ସୂଚନା ମୁତାବକ ମଙ୍ଗଳପୁର ଥାନା ରଡ଼ଗାଁ ଗ୍ରାମର ଧୋଇରମ ସେଠୀଙ୍କର ପାଳିତ ପୁଅ ପଦ ସେଠୀ ଅତ୍ୟଧିକ ମଦ୍ୟପାନ କରି ଘରେ ପାଟିତୁଣ୍ଡ କରିଥିଲେ। ଏହାକୁ ବାପା ବିରୋଧ କରିବାରୁ ପୁଅ ପଦ ଉତ୍ତ୍ୟକ୍ତ ହୋଇ ବାପା ଧୋଇରମଙ୍କୁ କଟୁରିରେ ଆକ୍ରମଣ କରିଥିଲା। ଫଳରେ ତାଙ୍କ ହାତରେ ଗଭୀର ଆଘାତ ଲାଗିଛି। ଏ ନେଇ ଧୋଇରମ ଙ୍କ ଝିଅ ଜୟସ୍ମିତା ସେଠୀ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ୬୪/୨୬ରେ ଏକ ମାମଲା ରୁଜୁ କରି ପୁଅ ପଦ ସେଠୀକୁ ଗିରଫ କରି ଆଜି ଅଦାଲତ ଚାଲାଣ କରାଯାଇଛି। ପଦ ସେଠୀଙ୍କ ଘର ଭଦ୍ରକ ଅଞ୍ଚଳରେ। ସେ ଦୀର୍ଘ ଦିନ ଧରି ଧୋଇରାମଙ୍କ ପାଳିତ ପୁଅ ହୋଇ ରହି ଆସୁଥିଲେ। ଏ ନେଇ ମଙ୍ଗଳପୁର ଥାନା ଅଧିକାରୀ ରଞ୍ଜନ କୁମାର ବେହେରା ସୂଚନା ଦେଇଛନ୍ତି।

## ବିଜେଡିକୁ ଫେରିଲେ ରାଧାଶ୍ୟାମ



**ଦାନଗଦି, ୯।୩(ସମିସ):** ଦାନଗଦୀ ବ୍ଲକ୍ ଯଖପୁରା ଗ୍ରାମର ବିଜୁ ଜନତା ଦଳର ପୂର୍ବତନ କାର୍ଯ୍ୟକାରୀ ସଭାପତି ରାଧାଶ୍ୟାମ ବିଶ୍ୱାଳ ଆଜି ବିଜେପି ପରିତ୍ୟାଗ କରି ବିଜେଡିକୁ ଫେରି ଆସିଛନ୍ତି। ଶ୍ରୀ ବିଶ୍ୱାଳ ୬ ମାସ ତଳେ ବିଜେପିରେ ସାମିଲ ହୋଇଥିଲେ। ଆଜି ପୂର୍ବତନ ମନ୍ତ୍ରୀ ଇଂ.ପ୍ରୀତିରଞ୍ଜନ ଘଡ଼ାଇଙ୍କ ଉପସ୍ଥିତିରେ ସେ ପୁନର୍ବାର ବିଜୁ ଜନତା ଦଳକୁ ଘର ବାହୁଡ଼ା କରିଛନ୍ତି। ଏହି ଅବସରରେ ପୂର୍ବତନ ମନ୍ତ୍ରୀ ତାଙ୍କୁ ଦଳୀୟ ଉତ୍ତରୀୟ ପିନ୍ଧାଇ ଦଳକୁ ସ୍ୱାଗତ କରିଛନ୍ତି। ସମାଜସେବୀ ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ମଙ୍ଗଳପୁର ପଞ୍ଚାୟତ ପୂର୍ବତନ ସଭାପତି ଭାଗୀରଥି ଜେନା, ଯଖପୁରା ପଞ୍ଚାୟତ ପୂର୍ବତନ ସଭାପତି ବସନ୍ତ ରାଉତ ଓ ସତ୍ୟସୁନ୍ଦର ପାଳ (ଚିଣ୍ଟୁ) ପ୍ରମୁଖ ଉପସ୍ଥିତ ଥିଲେ।

## ବରମୁଣ୍ଡୁଳିରେ ମଙ୍ଗଳା ଯଜ୍ଞ ଉତ୍ସବ



**କବାଟବନ୍ଧ, ୯।୩(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ପୁରୁଣା ବଉଳମାଳ ପଞ୍ଚାୟତର ବରମୁଣ୍ଡୁଳି ଠାରେ ମା' ମଙ୍ଗଳାଙ୍କ ବାର୍ଷିକ ଯଜ୍ଞ ଉତ୍ସବ ଅନୁଷ୍ଠିତ ହେଉଛି। ଚାରି ଦିନ ବ୍ୟାପୀ ଏହି ଯଜ୍ଞ ଉତ୍ସବ ପାଳନ କରାଯିବ। ୧୧ ତାରିଖରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଅବସରରେ ରୀତିନୀତି ଅନୁଯାୟୀ ପୂଜା କାର୍ଯ୍ୟ ଆରମ୍ଭ ହୋଇଛି। ରବିବାର ଅଙ୍କୁରାରୋପଣ ପରେ ସୋମବାର ସ୍ଥାନୀୟ କଠଉଣୀ ମନ୍ଦିର ପୋଖରୀରୁ ଏକ ବିରାଟ ଶୋଭାଯାତ୍ରାରେ ଶତାଧିକ ପୁରୁଷ ଏବଂ ମହିଳା କଳସଧାରୀ ଜଳ କଳସ ଧରି ଗ୍ରାମ ଭ୍ରମଣ କରିବା ପରେ ମଣ୍ଡପ ପ୍ରବେଶ କରିଥିଲେ। ଏହା ପରେ କଳସାଧିବାସ, ସୂର୍ଯ୍ୟ ପୂଜା, ଗୋପୂଜା, ଦେବୀ ପ୍ରତିଷ୍ଠା, ସ୍ନାନ, ଶୟନ, ଷୋଡ଼ଶ ଉପଚାର ପୂଜା ଆଦି ବିଧି ଅନୁସାରେ ଅନୁଷ୍ଠିତ ହେଉଛି। ମୁଖ୍ୟ କଳସଧାରୀ ପିତାମ୍ବର ସାହୁ, ବିଦ୍ୟୁଲତା ସାହୁ, ପ୍ରଫୁଲ୍ଲ ଦଳାଇ, ବାସନ୍ତୀ ଦଳାଇ ଏବଂ ୬ ଜଣ ବିଶିଷ୍ଟ ପଣ୍ଡିତ ଯଜ୍ଞ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ଯଜ୍ଞ କମିଟି ପକ୍ଷରୁ ପ୍ରଫୁଲ ସାହୁ, ଚକ୍ରଧର ପରିଡ଼ା, ମାନସ ସାହୁ, ବାବୁଲା ସାହୁ, ଚିନ୍ତାମଣି ସାହୁଙ୍କ ସମେତ ଅନ୍ୟ ମାନେ ଦାୟିତ୍ୱ ନିର୍ବାହ କରୁଛନ୍ତି। ଏହି ଅବସରରେ ପ୍ରତ୍ୟେକ ସନ୍ଧ୍ୟାରେ ଭଜନ ପରିବେଷଣ, ସଂକୀର୍ତ୍ତନ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ମନ୍ଦିର କମିଟିର ସଦସ୍ୟ ଏବଂ ଗ୍ରାମବାସୀ ମାନଙ୍କ ସହଯୋଗ ରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

## ଅନୁକୂଳଚନ୍ଦ୍ରଙ୍କ ଜନ୍ମ ଉତ୍ସବ ଉଦ୍‌ଯାପିତ

**ଜେନାପୁର, ୯।୩(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ମଧୁପୁର ଗଡ଼ ଗ୍ରାମପଞ୍ଚାୟତର ସତ୍‌ସଙ୍ଗ କେନ୍ଦ୍ରରେ ଅନୁକୂଳଚନ୍ଦ୍ରଙ୍କ ୧୩୮ତମ ଜନ୍ମ ଉତ୍ସବ ତଥା ବାର୍ଷିକ ଉତ୍ସବ ଉପଲକ୍ଷେ ଆୟୋଜିତ ବିଶେଷ ସତ୍‌ସଙ୍ଗ ପାଳିତ ହୋଇଯାଇଛି। ବ୍ରାହ୍ମ ମୁହୂର୍ତ୍ତରେ ବେଦ ମାଙ୍ଗଳିକ ଓ ନହବତ୍, ପ୍ରତ୍ୟୁଷରେ ଉଷା କୀର୍ତ୍ତନ, ସମବେତ ଉଷା ବିନତୀ ଓ ସଦ୍‌ଗ୍ରନ୍ଥ ପାଠ, ପୂର୍ବାହ୍ନରେ ଡିପି ୱାର୍କ, ପୂର୍ବାହ୍ନ ୧୧ ଘଟିକା ସମୟରେ ମାତୃ ସମ୍ମିଳନୀ, ଅପରାହ୍ନରେ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରା ସହ ନଗର କୀର୍ତ୍ତନ, ତତ୍ ପରେ ସଙ୍ଗିତାଞ୍ଜଳୀ, ସନ୍ଧ୍ୟାରେ ସମବେତ ସନ୍ଧ୍ୟା ବିନତୀ, ୭ଘଟିକାରେ ସତ୍‌ସଙ୍ଗ ଅନୁଷ୍ଠିତ ହୋଇଥିଲା। ଏହାକୁ ସହ ପ୍ରତି ରତିକ୍ କଟକ ଡମ୍ବରୁଧର ଦାସ ପରିଚାଳନା କରିଥବଲେ। ଏଥିରେ ବିଧାୟକ ହିମାଂଶୁ ଶେଖର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସତ୍‌ସଙ୍ଗ କେନ୍ଦ୍ର ଗଡ଼ମଧୁପୁରର ସହ ପ୍ରତି ରତିକ୍ ଇଂ. ରଂଜିତ କୁମାର ମୁଦୁଲି ପ୍ରାରମ୍ଭିକ ସୂଚନା ଦେଇଥିଲେ। ମୁଖ୍ୟବକ୍ତା ଭାବେ ପ୍ରଫେସର କେଦାର ନାଥ ମହାନ୍ତି, ଅବସର ପ୍ରାପ୍ତ ପ୍ରାଧାପକ ଡ. ବିଜୟ କୁମାର ନାୟକ, ସହ ପ୍ରତି ରତିକ୍ ସତ୍ୟପୀର ନାୟକ, ନାରାୟଣ ଚନ୍ଦ୍ର ପ୍ରଧାନ, ଶିବାଜୀ ଚରଣ ମହାନ୍ତି ପ୍ରମୁଖ ଅନେକ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ଏହି ଉତ୍ସବକୁ ପରୀକ୍ଷିତ ରଥ, କୁଳମଣି ରଣା, ସିଦ୍ଧାର୍ଥ ଶଙ୍କର ପାତ୍ର, ହରିହର ପଣ୍ଡା, ବସନ୍ତ କୁମାର ପ୍ରଧାନ, ଅଲେଖ ପ୍ରସାଦ ନାୟକ, ବିଜୟ କୁମାର ବେହେରା, ସୁବୋଧ କୁମାର ଦୋରା, ବିକ୍ରମ କେଶରୀ ନାୟକ, ପବିତ୍ର କୁମାର ସାହୁ, ଯୁଧିଷ୍ଠିର ସାହୁ ଇତ୍ୟାଦି ସ୍ଥାନୀୟ ଗୁରୁ ଭାଇ ଓ ମାଆମାନଙ୍କ ସକ୍ରିୟ ସହଯୋଗରେ ଅନୁଷ୍ଠିତ ହୋଇଥିଲା।

ଯାଜପୁର ଶିକ୍ଷା ବିଭାଗରେ ମହାଲୁଟ୍ ଘଟଣା

# ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ୍

**ଯାଜପୁର, ୯।୩(ସମିସ):**

ଯାଜପୁର ଜିଲ୍ଲା କୋରେଇ ବ୍ଲକରେ ହୋଇଥିବା ଶିକ୍ଷା ବିଭାଗର ମହାଲୁଟ୍ ଘଟଣା ସମଗ୍ର ରାଜ୍ୟରେ

■ ସୁନା ପିଲା ଭଳି ନିର୍ଭୟରେ ବୁଲୁଛନ୍ତି ଅଭିଯୁକ୍ତ
■ ସନ୍ଦେହରେ ବଡ଼ବଡ଼ିଆ ଅଧିକାରୀ

ଚର୍ଚ୍ଚାର ବିଷୟ ପାଲଟିଛି। ଅବସରଗ୍ରହଣ କରିଥିବା ଏବଂ ମୃତ କର୍ମଚାରୀଙ୍କୁ ଜୀବିତ ଦର୍ଶାଇ ସେମାନଙ୍କ ନାଁରେ କୋଟି କୋଟି ଟଙ୍କା ଚଳୁ କରାଯାଇଥିଲେ ହେଁ ମଧ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏ ସଂପର୍କରେ ଖୋଦ ସ୍ପେଶାଲ ଅଡିଟରେ ଜଣାପଡିଥିଲେ ମଧ କୌଣସି କର୍ମଚାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଦରମା ବନ୍ଦ କରାଯାଇନାହିଁ। ଯାହାକୁ ନେଇ ଏହି ମହାଲୁଟରେ ଉପରିସ୍ଥ ଅଧିକାରୀ ବା ବଡ଼ବଡ଼ିଆଙ୍କ ହାତ ଥିବା ସାଧାରଣରେ ସନ୍ଦେହ ସୃଷ୍ଟି ହେଉଛି। ତଳିଆ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ କାଳେ ବଡ଼ ବଡ଼ିଆ ଅଧିକାରୀ ଫସିବେ ସେଥିପାଇଁ କୌଣସି ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବା ଚର୍ଚ୍ଚା ହେଉଛି। ସେପଟେ ଭିଜିଲାନ୍ସ ବିଭାଗରେ ଏ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଅଭିଯୋଗ କରାଯିବା ପରେ ଏହାର ତଦନ୍ତ କରିବାକୁ ଯାଜପୁର ଭିଜିଲାନ୍ସ ଡିଏସ୍‌ପି ସୁଶିଲ କୁମାର ଏକ୍କା ନାଁକୁ ମାତ୍ର ତଦନ୍ତ କରିବାକୁ ଯାଇ ସତେ ଯେମିତି କୁଆଡ଼େ ନିଖୋଜ ହୋଇଯାଇଛନ୍ତି। ତଦନ୍ତର ଅଗ୍ରଗତି ସଂପର୍କରେ ଜାଣିବା ପାଇଁ ବାରମ୍ବାର ଗଣମାଧ୍ୟମ ପ୍ରତିନିଧି ମାନେ ଚେଷ୍ଟା କରୁଥିଲେ ମଧ ସେ ଲୁଚକାଳି ଖେଳୁଥିବା ଜଣାପଡିଛି। ଏପରିକି ସେ ଫୋନ ଉଠାଉନାହାଁନ୍ତି। ଏହି ଦୁର୍ନୀତିରେ କୌଣସି ବଡ଼ବଡ଼ିଆଙ୍କୁ ସୁରକ୍ଷା ଦେବା ପାଇଁ ଭିଜିଲାନ୍ସ ଓ ପ୍ରଶାସନ ପକ୍ଷରୁ ଜୋର ଦାର ଉଦ୍ୟମ ହେଉଥିବା ସାଧାରଣରେ ଚର୍ଚ୍ଚା ହେଉଛି। ନ ହେଲେ ଏହି ମହାଲୁଟରେ ପୂର୍ବରୁ ଅବସର ନେଇଥିବା ୧୯ ଜଣ ଶିକ୍ଷକଙ୍କ ନାମରେ ୪୮୦ ଥର ମିଥ୍ୟା ବିଲ ପ୍ରସ୍ତୁତ କରି ପାଖାପାଖି ୫ କୋଟି ଟଙ୍କା ହଡ଼ପ କରାଯିବା ପରେ ମଧ ଏ ପର୍ଯ୍ୟନ୍ତ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ କାହିଁକି ନେଇନାହିଁ। ଯାଜପୁର ଜିଲ୍ଲା ଶିକ୍ଷାଅଧିକାରୀ କୋରେଇ ବିଇଓଙ୍କ ସମେତ ୧୧ ଜଣଙ୍କ ବିରୋଧରେ ଭିଜିଲାନ୍ସ ନିକଟରେ ମାମଲା ରୁଜୁ କରି ନିଜର କାମ ସାରିଦେଇଛନ୍ତି। କିନ୍ତୁ ଏ ପର୍ଯ୍ୟନ୍ତ କୌଣସି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କାହିଁକି ନେଇନାହାଁନ୍ତି ବୋଲି ସାଧାରଣରେ ପ୍ରଶ୍ନ ହେଉଛି। ଏହି ମହାଲୁଟ୍‌ର ମାଷ୍ଟରମାଇଣ୍ଡ କୁହାଯାଉଥିବା ପୂର୍ବକୋଟ ୟୁଜିଏମ୍‌ଇର ପୂର୍ବତନ ପ୍ରଧାନଶିକ୍ଷକ ପ୍ରଦୀପ କୁମାର ମହାନ୍ତି ଏବଂ ତାଙ୍କ ପରିବାର ନିର୍ବିଘ୍ନରେ ବୁଲୁଥିଲେ ମଧ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ ହେବା ତଦନ୍ତର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ଶିକ୍ଷା ଅନୁଷ୍ଠାନର ପୁରସ୍କାର ବିତରଣ ଉତ୍ସବ

**ଯାଜପୁରଟାଉନ, ୯।୩(ସମିସ):** ଯାଜପୁର ସହର ସ୍ଥିତ ସଂସ୍କୃତି ଭବନରେ ଭିବ ଗିୟୋର ଶିକ୍ଷା ଅନୁଷ୍ଠାନ ପକ୍ଷରୁ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ ଉତ୍ସବ ଆୟୋଜିତ ହୋଇଯାଇଛି। ଏହି ଉତ୍ସବରେ ମହାରାଜା ଯଜାତି କେଶରୀ ମେଡିକାଲ୍ କଲେଜ୍ ଓ ହସ୍ପିଟାଲର ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର (ଡା.) ମନୋରମା ସ୍ୱାଇନ୍ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଡା. ମନୋଜ ସେନାପତି, ଏଡିଏମ ଓ ଯାଜପୁର ମୁଖ୍ୟ ଚିକିତ୍ସାଳୟ, ମୁଖ୍ୟ ବକ୍ତା ଭାବେ ଉପସ୍ଥିତ ଥିଲେ। ଏହି ଉତ୍ସବ ଅତିଥି ଭାବେ ଡା. ଦିବ୍ୟଲୋଚନ ସିଂହ, ସମର ବିଜୟ ସରଣ ଓ ସାମ୍ବାଦିକ ପ୍ରଭାତ ତ୍ରିପାଠୀ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଭିବ ଗିୟୋର ଶିକ୍ଷା ଅନୁଷ୍ଠାନ ପକ୍ଷରୁ ଆୟୋଜିତ ବିଭିନ୍ନ କୁଇଜ ପ୍ରତିଯୋଗିତା ଏବଂ ଭାଷ୍ଟ ୨୦୨୬ରେ ସଫଳତା ଅର୍ଜନ କରିଥିବା ୧୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରତିଯୋଗିତାରେ ବିଭିନ୍ନ ଶ୍ରେଣୀର ଶୀର୍ଷ ସ୍ଥାନ



ଅଧିକାର କରିଥିବା ଛାତ୍ରଛାତ୍ରୀ ହେଲେ ସପ୍ତମ ଶ୍ରେଣୀର ଛାତ୍ର ପ୍ରଥମ ଅଂଶୁମାନ ସାହୁ, ଦ୍ୱିତୀୟ ଶୁଭାଶ୍ରୀ ନାୟକ, ତୃତୀୟ ଆକାଶ କୁମାର ସାହୁ। ଅଷ୍ଟମ ଶ୍ରେଣୀର ପ୍ରଥମ ପ୍ରତ୍ୟାଶା ପ୍ରିୟଦର୍ଶିନୀ ମିଶ୍ର, ଦ୍ୱିତୀୟ ସୋନାଲିଶା ଦାସ, ତୃତୀୟ ଶୁଭଲକ୍ଷ୍ମୀ ପାତ୍ର। ଦଶମ ଶ୍ରେଣୀ (ଓଡ଼ିଆ)ରେ ପ୍ରଥମ ସୁଭମ ସାହୁ, ଦ୍ୱିତୀୟ ସୌରଭ ପରିଡା, ତୃତୀୟ ଜୀବନଜ୍ୟୋତି କାଣ୍ଡି, ଦଶମ ଶ୍ରେଣୀ ଇଂଲିଶ ମିଡିଅମ ପ୍ରଥମ ଅରବିନ୍ଦ ପଣ୍ଡା। ସେହିପରି ଆନ୍ତର୍ଜାତୀୟ ନାରୀ ଦିବସ ଅବସରରେ ଯାଜପୁର ସହରର ସମାଜସେବୀ ଅମନ ଇଙ୍ଗର ଅଧକ୍ଷ ରଶ୍ମିରେଖା ଥାଟୋଇ, ଶିକ୍ଷୟିତ୍ରୀ ମାତାଙ୍ଗିନୀ ସ୍ୱାଇଁ ପ୍ରମୁଖଙ୍କୁ ସମାଜ ପାଇଁ ତାଙ୍କର ନିରନ୍ତର ସେବା ପାଇଁ ସମ୍ମାନିତ କରାଯାଇଥିଲା। ତାହା ସହିତ କାର୍ଯ୍ୟକ୍ରମଟି ସୂର୍ଯ୍ୟଜ୍ୟୋତି କଳାକେନ୍ଦ୍ର, ଭୁବନେଶ୍ୱରର କଳାକାରମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ ସହିତ ଆରମ୍ଭ ହୋଇଥିଲା। ଏହି ଅବସରରେ ଭିବଗିୟୋର ଶିକ୍ଷାନୁଷ୍ଠାନ ର ନିର୍ଦ୍ଦେଶକ ଅପରାଜେୟ ପଣ୍ଡା ସଂସ୍ଥାର ସଫଳତାର ଯାତ୍ରା ଓ ଭବିଷ୍ୟତ ଶିକ୍ଷା ଯୋଜନା ବିଷୟରେ ଉଦ୍‌ବୋଧନ ରଖିଥିଲେ।

## ପ୍ରସିଦ୍ଧ ଜାରକା ମେଳଣ ଉଦ୍‌ଯାପିତ

**ଧର୍ମଶାଳା, ୯।୩ (ସମିସ):** ଧର୍ମଶାଳା ବ୍ଲକର ୪୮ତମ ପ୍ରସିଦ୍ଧ ଜାରକା ମେଳଣ ରବିବାର ସନ୍ଧ୍ୟାରୁ ଆରମ୍ଭ ହୋଇ ସୋମବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ଏହି ମେଳଣରେ ୨୯ଟି ବଡ଼ ବିମାନ ଓ



୩୦ଟି ଛୋଟ ବିମାନ ଯୋଗଦେଇଥିଲେ। ଜାରକା ଶବର ସାହିର ବିମାନ ଥାନପତି ଆସନ ଅଳଙ୍କୃତ ହୋଇଥିଲେ। ୧୯୭୮ ମସିହାରୁ ପାଳିତ ହେଉଥିବା ଏହି ପୁରାତନ ମେଳଣରେ ସ୍ଥାନୀୟ ଚହଟା ଗ୍ରାମର ବୃନ୍ଦାବନଜୀଉ ଓ ଗୋପିନାଥଜୀଉ ସମେତ ଚୋରମୁହାଁ, ବାଲିଗରି, ନରସିଂହପୁର, ଉତରପ୍ରତାପ, ଅଚ୍ୟୁତପୁର , ଦେଓଦା, ବାଜବାଟି, ପ୍ରଥମାଖଣ୍ଡୀ,ଗୋପାଳପୁର, ସ୍ୱାଇଁସାହି, ଗଙ୍ଗାଧରପୁର, ଉତର ଶାସନ,ଦକ୍ଷିଣ ଶାସନ,ଦୁବଗାଡିଆ, ତାରାପୁର ,ନାଉପାଳ, ଅଭୟପୁର, ସେବତୀପୁର,ଗଙ୍ଗାଧରପୁର, ଭାତୃପଶି ଆଜି ଗ୍ରାମର ୨୧ ଗୋଟି ବଡ ଦୋଳ ବିମାନ ପାରମ୍ପରିକ ବାଦ୍ୟ , ନୃତ୍ୟ , ଭଜନ କିର୍ତନ କରି ଠାକୁର ବାଡିଆମାନେ ବିମାନକୁ ଶୋଭାଯାତ୍ରା ନେଇ ମେଲଣ ପଡ଼ିଆରେ ପହଁଚିଥିଲେ। ମେଲଣ ପଡ଼ିଆରେ ସମସ୍ତ ବିମାନ ସମବେତ ହେବା ପରେ ଠାକୁର ରାଧାକୃଷ୍ଣଙ୍କ ଯଥାବିଧି ପୂଜାର୍ଚ୍ଚନା କରାଯାଇଥିଲା। ଧର୍ମଶାଳା ବିଡିଓ ଜ୍ୟୋତିର୍ମୟ କର ଅତିଥି ଭାବେ ଯୋଗଦେଇଥିଲେ। କମିଟିର ସଭାପତି ଜଳଧର ସାହୁ, ଉପସଭାପତି ଅଜୟକୁମାର ମହାପାତ୍ର, ସଂପାଦକ ଅଜାମ୍ବର ସାହୁ, କୋଷାଧକ୍ଷ ରବି ନାରାୟଣ ସାହୁ, ସଂଯୋଜକ ଦେବରାଜ ମିଶ୍ର, ଧର୍ମଶାଳା ମହୋତ୍ସବ କମିଟି ସଂପାଦକ ସତ୍ୟପ୍ରିୟ ମହାନ୍ତି, ଜାରକା ସରପଞ୍ଚ ସୁଦାମ ବେହେରା, ଉପେନ୍ଦ୍ର କୁମାର କର, ନକୁଳ ସାହୁ, ଅଜୟ ମହାପାତ୍ର, ରାମଚନ୍ଦ୍ର ମଲ୍ଲିକ, କିଶୋର ନାୟକ, ଅଶୋକ ବରାଳ, ସବ୍ୟସାଚୀ ସୁନ୍ଦରରାୟ, ମହେଶ୍ୱରସାହୁ, ମାନସମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସେହିପରି ଆରୁହା ମେଲଣ ଶାନ୍ତିଶୃଙ୍ଖଳା ସହ ଆଜି ଉଦ୍‌ଯାପିତ ହୋଇଯାଇଛି। ଆଇନ ଶୃଙ୍ଖଳା ରକ୍ଷା ପାଇଁ ଉଭୟ ସ୍ଥାନର ମେଲଣ କମିଟି ଓ ଧର୍ମଶାଳା ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

## ଭ୍ରାମ୍ୟମାଣ ଚିକିତ୍ସା ଦଳ ପକ୍ଷରୁ ଦାବିପତ୍ର

**ବଡ଼ଚଣା, ୯।୩(ସମିସ):** ଓଡ଼ିଶା ଅଧୀନସ୍ଥ ମୋବାଇଲ ହେଲଥ ୟୁନିଟ ଏବଂ ମୋବାଇଲ୍ ହେଲଥ ଟିମ୍ ଅଧୀନରେ କାର୍ଯ୍ୟରତ ପାରାମେଡିକାଲ କର୍ମଚାରୀ ପକ୍ଷରୁ ଏକ ଦାବିପତ୍ର ବଡ଼ଚଣା ବିଧାୟକ ଅମର କୁମାର ନାୟକଙ୍କୁ ପ୍ରଦାନ କରାଯାଇଛି। ଦାବି ଅନୁଯାୟୀ କର୍ମଚାରୀମାନେ ୧୨ ବର୍ଷରୁ ୨୦ ବର୍ଷ ଧରି ରାଜ୍ୟର ଦୁର୍ଗମ ଗ୍ରାମାଞ୍ଚଳର ସ୍ୱାସ୍ଥ୍ୟ ସେବା ଯୋଗାଇ ଆସୁଛନ୍ତି। ସେମାନେ ସରକାରଙ୍କ ଦ୍ୱାରା ଅସାମୟକ ବେତନ ଓ ଅନିଶ୍ଚିନ୍ତ ଚାକିରି ସୁରକ୍ଷାରୁ ବଞ୍ଚିତ ହେଉଛନ୍ତି। ଏଥିପାଇଁ ସେମାନେ ସ୍ୱଳ୍ପ ଦରମାରେ କାର୍ଯ୍ୟ କରିଆସୁଛନ୍ତି। ସମାନ କାମକୁ ସମାନ ଦରମା ଓଡ଼ିଶା ସରକାରଙ୍କ



ଓଡ଼ିଶା ସେବା ନିୟମ ଅନୁଯାୟୀ ବହୁମୁଖୀ ସ୍ୱାସ୍ଥ୍ୟ କର୍ମୀଙ୍କୁ ବାଦ୍ ଦିଆଯିବା ଭାରତ ସର୍ବୋଚ୍ଚ ନ୍ୟାୟାଳୟ ଓ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ପାରାମେଡିକାଲ କର୍ମଚାରୀମାନଙ୍କୁ ସ୍ଥାୟି ନିଯୁକ୍ତି ଦେବାକୁ ନିର୍ଦ୍ଦେଶ ଦେବା ସତ୍ତ୍ୱେ ଏଥିରୁ ସେମାନଙ୍କୁ ବାଦ୍ ଦିଆଯାଇଛି ବୋଲି ଦାବିପତ୍ରରେ ଦର୍ଶାଇଛନ୍ତି। ଆଗାମୀ ଦଶ ଦିନ ମଧ୍ୟରେ ସେମାନଙ୍କ ଦାବି ପ୍ରତି ସରକାର ଦ୍ୟାନ ନଦେଲେ ସେମାନେ ସରକାରଙ୍କ ଦ୍ୱାରା ଦୀୟ ଯାଉଥିବା ସ୍ୱାସ୍ଥ୍ୟ ସେବାରେ ଅସହଯୋଗ କରିବେ ବୋଲି ସଭାପତି ଅମ୍ରେସ ତ୍ରିପାଠୀ, ଉପସଭାପତି ଦେବସ୍ମିତା ଦେହୁରୀ, ସାଧାରଣ ସମ୍ପାଦକ ରାକେଶ କୁମାର ବେହୁରା, ଯୁଗ୍ମ ସମ୍ପାଦକ ସନ୍ୟାସୀ ବେହେରା (ସାଉଥ୍ ଜୋନ୍), ସରସ୍ୱତୀ ବେହେରା (ଇଷ୍ଟ ଜୋନ୍), ଚୁଡ଼ାମଣି ଦେବତା (ୱାଷ୍ଟ ଜୋନ୍), ଇର୍ଷାଦ ସେକ, କୋଷାଧକ୍ଷ ପ୍ରିୟଦର୍ଶନୀ ଓତା, ରଘୁନାଥ ମୁଦୁଲି, ଆବାହକ ରାକେଶ କୁମାର ବେହୁରା ଓ ଗଣ ମାଧ୍ୟମ ଆବାହକ ସୁନୀଲ ସେଠୀ, ପ୍ରଫୁଲ୍ଲ ପାଢ଼ୀ ପ୍ରମୁଖ ଦାବି କରିଛନ୍ତି।

## ହାଇୱା ଧକ୍କାରେ ବାଇକ୍ ଆରୋହୀ ଆହତ

**ପାଣିକୋଇଲି, ୯।୩(ସମିସ):** ବୈତରଣୀ ନଦୀରୁ ବାଲି ଉଠାଣ ଜାରି ରହିଥିବା ବେଳେ ଗ୍ରାମ୍ୟଚଳ ରାସ୍ତା ଠାରୁ ଆରମ୍ଭ କରି ନଦୀବନ୍ଧରେ ଭାରୀଯାନ ଚଳାଚଳ କରୁଛି। ବୈତରଣୀ ନଦୀ ବନ୍ଧ ବ୍ରଜନଗର ଠାରୁ ବୈତରଣୀରୋଡ ବନ୍ଧରେ ବାଲି ପାଇଁ ଯାଉଥିବା ଭାରୀଯାନ (ହାଇୱା) ଚଳାଚଳ ବେଳେ ଏକ ନାଲି ରଙ୍ଗର ଗ୍ଲାମର ବାଇକ (ଓଡି୩୪ କେ୦୧୧୬)କୁ ହାଇୱା ଧକ୍କା ଦେବା ଫଳରେ ବାଇକ ଆରୋହୀ ଛିଟିକି ପଡି ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଯାହାକୁ ନେଇ ପାଣିକୋଇଲି ଥାନା ଅନ୍ତର୍ଗତ ମୂଳାପାଳ ପଂଚାୟତର ଧନତ୍ରୀ ଗ୍ରାମର ଗ୍ରାମବାସୀ ଗାଡି ଗୁଡିକୁ ରାସ୍ତା ଅବରୋଧ କରି ଅଟକ ରଖିଥିଲେ। ଫଳରେ ୧୬ଟି ହାଇୱା ନଦୀବନ୍ଧ ରାସ୍ତାରେ ଅଟକି ରହିଥିଲା। ଖବରପାଇ ଘଟଣାସ୍ଥଳେ ପାଣିକୋଇଲି ପୁଲିସ ପହଂଚିଥିଲା। ପରେ ଗାଡି ମାଲିକ ପକ୍ଷରୁ ବାଇକ ଆରେହୀ ଧନତ୍ରୀ ଗ୍ରାମର ଶ୍ୟାମସୁନ୍ଦର ସାହୁଙ୍କ ପୁଅ ଲିପୁନ ସାହୁଙ୍କୁ କ୍ଷତିପୂରଣ ଦେବା ପରେ ଗାଡି ଗୁଡିକୁ ଫେରାଇ ଦିଆଯାଇଥିଲା। ନଦୀବନ୍ଧରେ ବେଆଇନ ଭାବେ ଭାରୀଯାନ ଚଳାଚଳକୁ ଗ୍ରାମବାସୀ ବିରୋଧ କରିଥିଲେ। ଗାଡି ଗୁଡିକ ପଛକୁ ଫେରିଆସିବା ପରେ ବିଳମ୍ବିତ ରାତ୍ରୀରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

## ମାର୍ଚ୍ଚ ୨୬ରୁ ମା' ବୈତରଣୀ ନିତ୍ୟ ଆରତୀ

**ପାଣିକୋଇଲି, ୯।୩(ସମିସ):** ଭାରତବର୍ଷରେ ନଦୀକୁ ମା' ବୋଲି ଗ୍ରହଣ କରାଯାଏ। ଗଂଗା, ଯମୁନା, କାବେରୀ ଭଳି ନଦୀକୁ ପ୍ରତ୍ୟେହ ଆରତୀ କରାଯାଉଥିବା ବେଳେ ଆସନ୍ତା ଚୈତ୍ର ଶୁକ୍ଳ ଅଷ୍ଟମୀ (ଅଶୋକାଷ୍ଟମୀ) ତିଥି (୨୬ ତାରିଖ) ଠାରୁ ପୂର୍ଣ୍ଣତୋୟା ବୈତରଣୀ ନଦୀକୁ ପ୍ରତ୍ୟେହ ଆରତୀ କରାଯିବ ବୋଲି ବାବା ଉଦୟନାଥ ପର୍ବତ ଆଜି ପାଣିକୋଇଲି ଶ୍ରୀ ପୀଠରେ ଆୟୋଜିତ ଏକ ସମ୍ବାଦିକ ସମ୍ମିଳନୀରେ ଘୋଷଣା କରିଛନ୍ତି। ଅଖିଳ ଭାରତୀୟ ସନ୍ୟାସୀ ସଂଗମର ସଂସ୍ଥାପକ ସଭାପତି ନଦୀ ପୁତ୍ର ସ୍ୱାମୀ ରାମାନନ୍ଦ ପୁରୀ ମହାରାଜଙ୍କ ମାର୍ଗ ଦର୍ଶନରେ ବୈତରଣୀ ନିତ୍ୟସେବା ସଂସ୍ଥାନ ଓ ବୈତରଣୀ ସେବା ଆଶ୍ରମ ଆନୁକୂଲ୍ୟରେ ଯାଜପୁର ବ୍ଲକ ମାଳଆନନ୍ଦପୁର ପଂଚାୟତ ନିମପାଳ ଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ପରମ ଦିବ୍ୟ ବୈତରଣୀ ଆରତୀ କାର୍ଯ୍ୟକ୍ରମରେ ବହୁ ସାଧୁସନ୍ଥ ଓ ଭକ୍ତଙ୍କ ସମାଗମ ହେବ। ତେଣୁ ଏହି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ମହାରାଜ ସମସ୍ତଙ୍କୁ ଶ୍ରଦ୍ଧାବଦ୍ଧ ନିମନ୍ତ୍ରଣ ଜଣାଇଛନ୍ତି। ନିମପାଳ ଗ୍ରାମବାସୀଙ୍କ ପକ୍ଷରୁ ଏହି ସାମ୍ବାଦିକ ସମ୍ମିଳନୀରେ ଭ୍ରମରବର ବେହେରା, ରଘୁନାଥ ବେହେରା, ଅନନ୍ତ ବାସୁଦେବ ମିଶ୍ର, ଅଞ୍ଜନ ମିଶ୍ର, କାର୍ତିକ ପଢିହାରୀ, ସୁରେଶ ମିଶ୍ର, ଶରତ ଦାସ, ରଘୁନାଥ ପଢିଆରୀ, ମହେଶ୍ୱର ବେହେରା, ଫକିର ଧଳ, ଲମ୍ବୋଦର ମହାନ୍ତି ଉପସ୍ଥିତ ଥିଲେ।

## ଅଟୋ ଦୁର୍ଘଟଣାଗ୍ରସ୍ତ;ମହିଳାଙ୍କ ସମେତ ୪ ଆହତ

**ପାଣିକୋଇଲି, ୯।୩(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ସିଙ୍ଗଡ଼ା ପୋଲ ଉପରେ ଏକ ଯାତ୍ରୀବାହି ଅଟୋର ଆଗ ଚକ ବାହାରି ଯିବାରୁ ଅଟୋଟି ପୋଲ ବାଡ଼ାରେ ପିଟି ହୋଇ ତଳକୁ ଖସିପଡ଼ିବାରୁ ଜଣେ ମହିଳା ଗୁରୁତର ହୋଇପଡ଼ିଥିବା ବେଳେ ଅନ୍ୟ ତିନି ଜଣ ଆହତ ହୋଇଛନ୍ତି। ପ୍ରକାଶଯେ ଭଦ୍ରକ ଜିଲ୍ଲା ଭଣ୍ଡାରୀପୋଖରୀ ଥାନା ଅନ୍ତର୍ଗତ ଝୁଣ୍ଟୁଣୀ ଗ୍ରାମର ହରମୋହନ ରାଉତ, ଶ୍ରୀନିବାସ ରାଉଳ, ସନ୍ଧ୍ୟାରାଣୀ ବେହେରା ଓ କୌଶଲ୍ୟା ରାଉଳ ଏକ ଅଟୋ ଯୋଗେ ମଧୁବନରୁ ଫେରୁଥିବା ବେଳେ ସିଙ୍ଗଡ଼ା ପୋଲ ଉପରେ ଅଟୋର ଆଗ ଚକ ବାହାରି ଯାଇଥିଲା। ଫଳରେ ଅଟୋଟି ଭାରସାମ୍ୟ ହରାଇ ପୋଲ ବାଡ଼ାରେ ପିଟି ହୋଇ ତଳକୁ ଖସିପଡ଼ିଥିଲା। ଖବର ପାଇ ରାଜପଥ ପାଟ୍ରୋଲିଂ ପୁଲିସ ଓ ସମାଜସେବା ସଙ୍ଗଠନର ସଦସ୍ୟ ଘଟଣାସ୍ଥଳରେ ପହଞ୍ଚି ସମସ୍ତ ଯାତ୍ରୀ ମାନଙ୍କୁ ଉଦ୍ଧାର କରି ସ୍ଥାନୀୟ ଏକ ବେସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। କିନ୍ତୁ କୌଶଲ୍ୟାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି।

## ଆମ୍ବେଦକର ସେବା ସମିତିର ମହିଳା ଦିବସ



**ବଡ଼ଚଣା, ୯।୩(ସମିସ):** ବଡ଼ଚଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବନ୍ତଳା ପଞ୍ଚାୟତର କପାଷ୍ଟିକିରି ଆମ୍ବେଦକର ସେବାସମିତି ମଞ୍ଚ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସରେ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ଏକ ସଭାର ଆୟୋଜନ କରାଯାଇଥିଲା। ମଞ୍ଚର ସଭାପତି ତ୍ରିଲୋଚନା ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମହିଳା ମାନେ ଆତ୍ମନିର୍ଭରଶୀଳ, ସ୍ୱାବଲମ୍ବୀ ହେବା ପାଇଁ ସଚେତନତାର ବାର୍ତ୍ତା ଦେଇଥିଲ। ସମ୍ପାଦକ ବଳରାମ ମଲ୍ଲିକ ମହିଳାମାନେ ଆତ୍ମନିର୍ଭରଶୀଳ, ସ୍ୱାବଲମ୍ବୀ ହେବାସହିତ ସଶକ୍ତ ଓ ଶିକ୍ଷିତ ହେବା ପାଇଁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବଡ଼ଚଣାର ବିଭିନ ପ୍ରାନ୍ତରରୁ ଶତାଧିକ କର୍ମୀ ଯୋଗଦେଇଥିଲେ।




# ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

**ଯାଜପୁର, ୯।୩(ସମିସ):**



ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ବଡ଼ଚଣା ବ୍ଲକ କାର୍ଯ୍ୟାଳୟ ପରିସର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ୍ରୀ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ମୋଟ ୪୭ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୩୭ଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ / ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧ଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୮ଟି ଅଭିଯୋଗର ଶୁଣାଣି ଓ ରେଡ଼କ୍ରସ ପାଣ୍ଠିରୁ ୬ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୧୪ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଦେବୀପ୍ରସାଦ ମହାନ୍ତି, ଉପ ଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ମିଶ୍ର, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବଡ଼ଚଣା ରବୀନ୍ଦ୍ର କୁମାର ପ୍ରଧାନ, ଓ ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

ନାମଲେଖା ନାମଲେଖା ନାମଲେଖା
ଶିକ୍ଷାବର୍ଷ ୨୦୨୬ - ୨୭ ନିମନ୍ତେ
ଶ୍ରୀ ଅରବିନ୍ଦ ପୂର୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଆମ୍ବଶାଳ
କାଳିକୁଦା, ଜଗତସିଂହପୁର
ଶ୍ରେଣୀ - ନର୍ସରୀ ଠାରୁ ୭ମ ଶ୍ରେଣୀ ପର୍ଯ୍ୟନ୍ତ

# ଅନ୍ଧାରରେ ଇସ୍ପାତ ରାଜଧାନୀ କଳିଙ୍ଗ ନଗର



**ଯାଜପୁର, ୯।୩(ସମିସ):** ଏସିଆ ମହାଦେଶର ସର୍ବବୃହତ ଶିଳ୍ପ ସଂସ୍ଥା ତଥା ଇସ୍ପାତ ରାଜଧାନୀ କଳିଙ୍ଗ ନଗରବାସୀଙ୍କ ଦୁଃଖ କହିଲେ ନ ସରେ। ଅନ୍ଧାର ସଡ଼କରେ ଶିଳ୍ପାଞ୍ଚଳ ବାସୀ। ପ୍ରଦୂଷଣରେ କଲବଲ ହେଉଥିବା ଶିଳ୍ପ ଅଞ୍ଚଳବାସୀମାନଙ୍କ ଦୁଃଖ ବଢୁଥିବା ବେଳେ କମ୍ପାନୀମାନଙ୍କ ପ୍ରତାରଣା ଲୋକଙ୍କ ମନରେ ଅସନ୍ତୋଷ ସୃଷ୍ଟି କରିଛି। ଶିଳ୍ପାଞ୍ଚଳର ମୁଖ୍ୟ ସଡ଼କ ଏବେ ଅନ୍ଧାରରେ। କମ୍ପାନୀ ଗୁଡ଼ିକ ଶିଳ୍ପାଞ୍ଚଳର ବିକାଶର ଡିଣ୍ଡିମ ପିଟୁଥିବା ବେଳେ ବାସ୍ତବରେ ବିକାଶ କେବଳ ନାମକୁ ମାତ୍ର। ଦାନଗଦିର ମିଲିଟାରୀ ଛକ ଠାରୁ ଚଣ୍ଡିଖୋଲ-ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥକୁ ସଂଯୋଗ କରୁଥିବା ବିଜୁ ପଟ୍ଟନାୟକ ମାର୍ଗରେ ଅନେକ ସ୍ଥାନରେ କିଟିକିଟି ଅନ୍ଧାରରେ ଲୋକମାନେ ଯାତାୟାତ କରୁଛନ୍ତି। କାରଖାନା ଗୁଡିକୁ ଆସୁଥିବା କିମ୍ବା କାରଖାନାରୁ ମାଲ ନେଇ ଯାଉଥିବା ଯାନବାହନ ଗୁଡ଼ିକ ପାଇଁ ଏହା ମୁଖ୍ୟ ସଡ଼କ ଅଟେ। ମିଲିଟାରୀ ଛକରୁ ବାଘବାହାଳି ଛକ ପର୍ଯ୍ୟନ୍ତ ରାସ୍ତାରେ ଆଲୋକୀକରଣ ହୋଇଥିଲେ ମଧ୍ୟ ଅନେକ ସ୍ଥାନରେ ଲାଇଟ ଜଳୁନାହିଁ। ଜନସାଧାରଣଙ୍କୁ ଧୂଳି ଧୂଆଁରେ ଅସ୍ତବ୍ୟସ୍ତ କରୁଥିବା ଏହି ସଡ଼କରେ ରାତି ସମୟରେ ଯିବା ଆସିବା କଷ୍ଟ ହୋଇ ପଡ଼ିଛି। ଦୀର୍ଘ ଦିନ ଧରି ଏହି ଲାଇଟ ଗୁଡ଼ିକ ଅଚଳ ହୋଇପଡ଼ିଛି। ଯାହା ଦ୍ୱାରା ଅନ୍ଧାରରେ ଯାତାୟାତ ଅସୁବିଧା ସହିତ ଦୁର୍ଘଟଣା ମଧ୍ୟ ଘଟୁଛି। ଦୈନିକ ହଜାର ହଜାର ସଂଖ୍ୟାରେ ଯାନବାହନ ଏବଂ କାରଖାନା କର୍ମଚାରୀ ସହିତ ଜନସାଧାରଣ ଏହି ରାସ୍ତାରେ ଯାତାୟାତ କରିଥାନ୍ତି। ମାତ୍ର ଏମାନଙ୍କ ସୁରକ୍ଷା ତଥା ସୁଗମନାଗମନ ପାଇଁ କାହାର ଚିନ୍ତା ନାହିଁ। ଦୀର୍ଘ ବର୍ଷ ଧରି ଲାଇଟ ଗୁଡ଼ିକ ଲଗା ଯାଇଥିଲେ ମଧ୍ୟ ବର୍ଷ ସାରା ଅଧିକାଂଶ ସ୍ଥାନରେ ତାହା ଜଳୁ ନାହିଁ। କେବଳ ଖୁଣ୍ଟରେ ଝୁଲି ରହିଛି। ଏହାର ରକ୍ଷଣାବେକ୍ଷଣ ଏବଂ ମରାମତି ଦାୟିତ୍ୱରେ ଥିବା ସଂସ୍ଥା ତଥା କର୍ତ୍ତୃପକ୍ଷ ଙ୍କର ମଧ୍ୟ ଦେଖା ନାହିଁ। ତେଲିବାହାଳି, ଭିସା ଷ୍ଟିଲ, ମାନତିରା ଛକ ଆଦି ସ୍ଥାନରେ ଅନେକ ଲାଇଟ ଆଦୌ ଜଳୁନାହିଁ। ସେହିପରି ଅନେକ ସ୍ଥାନରେ କେବଳ ଲୋଲାଇଟ ଦେଖିବାକୁ ମିଳିଛି। ନିୟମିତ ବ୍ୟବଧାନରେ ଏହାର ରକ୍ଷଣାବେକ୍ଷଣ ଅଭାବରୁ ହଜାର ହଜାର ଲୋକ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି।

ଅନ୍ୟ ପକ୍ଷରେ ଅନ୍ଧାର ହେଉଥିବା ସ୍ଥାନ ଗୁଡ଼ିକରେ ଦୁର୍ଘଟଣା ବୃଦ୍ଧି ପାଉଥିବା ସହିତ ଅପରାଧର ଆଶଙ୍କା ମଧ୍ୟ ରହିଛି। ବିଳମ୍ବିତ ରାତିରେ କାରଖାନାରୁ କାମ ସାରି ଫେରୁଥିବା ଶ୍ରମିକ ତଥା କର୍ମଚାରୀ ମାନେ ମଧ୍ୟ ଅନ୍ଧାର ରାତିରେ ମନ ଭିତରେ ଅନେକ ଆଶଙ୍କାରେ ଯିବା ଆସିବା କରୁଥିବା ପ୍ରକାଶ କରିଛନ୍ତି। କଳିଙ୍ଗନଗର ଇସ୍ପାତ କାରଖାନାର ରାଜଧାନୀ ହୋଇଥିବା ବେଳେ ଏହି ଅଞ୍ଚଳରେ ସାମାନ୍ୟ ଆଲୋକ ସୁବିଧା ନ ଥିବା ଏକ ଲଜ୍ଜାଜନକ କଥା।

## ପ୍ରୋସେସନ ଗାଡ଼ି ଦୁର୍ଘଟଣାଗ୍ରସ୍ତ, ୨ ଗୁରୁତର



**କୟାଁଗୋଲା, ୯।୩(ସମିସ):** ଦଶରଥପୁର ବ୍ଲକ ଅଧୀନସ୍ତ ମଙ୍ଗଳପୁର ବଜାର ସଂଲଗ୍ନ ଶ୍ରୀରାମପୁର ବିଲପଣ୍ଡାସାହି ନିକଟରେ ଏକ ପ୍ରୋସେସନ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇ ୨ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ସୂଚନା ଅନୁସାରେ ଏକ ପ୍ରୋସେସନ ଗାଡ଼ିର ଚେଚିସରେ ସାଉଣ୍ଡ ସିଷ୍ଟମ ବକ୍ସ, ଲାଇଟ ଆଦି ଲାଇଟ ଆଦି ଯାଉଥିବା ସମୟରେ କନକେଶ୍ୱରୀ ମନ୍ଦିର ନିକଟସ୍ତ ବର ଗଛର ଏକ ଡାଳରେ ଉପରେ ବନ୍ଧାଯାଇଥିବା ବକ୍ସ ଓ ଲାଇଟ ପିଟି ହୋଇଥିଲା। ଫଳରେ ବଡ଼ ବଡ଼ ବକ୍ସ ସବୁ ଏବଂ ଲାଇଟ ଆଦି ରାସ୍ତାରେ ଛିଟିକି ପଡ଼ିଥିଲା। ଗଛ ଡାଳ ସହ ଏତେ ଜୋରରେ ପିଟି ହେଲା ଯେ ରାସ୍ତାରେ ଯାତାୟତ କରୁଥିବା ଲୋକମାନଙ୍କ ଉପରେ ପଡ଼ିଥିଲା ବନ୍ଧା ହୋଇଥିବା ସାଉଣ୍ଡ ବକ୍ସ ଓ ଲାଇଟ। ଫଳରେ ୩ ଜଣ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ଆହତଙ୍କୁ ଚିକିତ୍ସା ନିମନ୍ତେ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ପ୍ରକାଶ ଥାଉ କି ବେପରୁଆ ଭାବେ ଏବଂ ଆବଶ୍ୟକତା ଠାରୁ ଅଧିକ ଭର୍ତ୍ତି କରି ପ୍ରୋସେସନ ଗାଡି ଆଦି ନଜରକୁ ଆସୁଛି। ଯାହା ଉପରେ ପ୍ରଶାସନ ଦୃଷ୍ଟି ନ ଦେଲେ ଏହିପରି ଦୁର୍ଘଟଣା ବଢ଼ି ଚାଲିବ ଏଥିରେ ସନ୍ଦେହ ନାହିଁ।

## ସମାଜସେବୀ ଟିକୁ ମଲ୍ଲଙ୍କ ପରଲୋକ



**କବାଟବନ୍ଧ, ୯।୩(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ କବାଟବନ୍ଧ ଅଞ୍ଚଳର ଜଣାଶୁଣା ସମାଜସେବୀ ଧର୍ମେନ୍ଦ୍ର ମଲ୍ଲ (ଟିକୁ) (୫୭)ଙ୍କର ସୋମବାର ଅପରାହ୍ନ ୧.୩୦ ମିନିଟରେ ସମୟରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଦେହାନ୍ତ ହୋଇ ଯାଇଛି। ଗତ ଦୁଇ ବର୍ଷ ଧରି ମଧୁମେହ ଏବଂ ଲିଭର ଜନିତ ରୋଗରେ ପୀଡ଼ିତ ଥାଇ ଚିକିତ୍ସିତ ହେଉଥିଲେ। ଦୀର୍ଘ ଦିନ ଧରି ସେ ସ୍ଥାନୀୟ ଅଞ୍ଚଳରେ ସମାଜସେବା ପାଇଁ କାର୍ଯ୍ୟ କରି ଆସୁଥିଲେ। ସ୍ୱର୍ଗତ ମଲ୍ଲ ଜଣେ ପରିବେଶ ବିତ, ଅଗ୍ରଣୀ କୃଷକ ସଂଗଠକ, ରାଜନେତା ଓ ସମାଜସେବୀ ଭାବେ ପରିଚିତ ଥିଲେ। ତାଙ୍କ ମରଶରୀରକୁ ରେଖିଦେଇପୁର ବାସଭବନକୁ ନିଆଯାଇଥିଲା। ସେଠାରେ ସ୍ଥାନୀୟ ତାଙ୍କ ପରିବାର ଏବଂ ଆତ୍ମୀୟସ୍ୱଜନଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଶିକ୍ଷକ ଅଜୟ ପରିଡ଼ା, ପ୍ରଫୁଲ୍ଲ ମଲ୍ଲ, ଅଭିମନ୍ୟୁ ରାଉତ, ବିଷ୍ଣୁ ଚରଣ ସାହୁ, ସମାଜସେବୀ ଅନୀଲ କୁମାର ପଣ୍ଡା, ଶରତ ବଳ, ବିକାଶ ସାହୁ, ମାନସ ବାରିକ, ପ୍ରଶାନ୍ତ ସ୍ୱାଇଁ, ଧ୍ରୁବ ରାଉତ, ସାମ୍ବାଦିକ ବସନ୍ତ କୁମାର ମଲ୍ଲିକ, ସୁଶାନ୍ତ କୁମାର ଜେନା, ଅକ୍ଷୟ ବେହେରା, ଧବଳେଶ୍ୱର ପ୍ରଧାନ, ପୂର୍ବତନ ସରପଞ୍ଚ ଅରୁଣ ପରିଡ଼ାଙ୍କ ସମେତ ବହୁ ମାନଗଣ୍ୟ ବ୍ୟକ୍ତି ଏବଂ ଶହ ଶହ ଲୋକ ତାଙ୍କ ଶେଷ ଦର୍ଶନ କରିଥିଲେ। ତାଙ୍କ ବିୟୋଗରେ ସାମାଜିକ କର୍ମୀ ଦେବବ୍ରତ ରାଉତ, ଆଇନଜୀବୀ ନରେଶ ଜେନା, ସମାଜସେବୀ କାହ୍ନୁ ଚରଣ ଦାସ, ଯୁବ ସଂଗଠକ ନିରଞ୍ଜନ ଖିଲ୍ଲାର, ସାମ୍ବାଦିକ ଅଖିଳ କୁମାର ସ୍ୱାଇଁ, ମାନସ ରଞ୍ଜନ ଜେନା, ଅନନ୍ତ କିଶୋର ସ୍ୱାଇଁ, ଭାଷା ଗବେଷକ ସୌଭାଗ୍ୟ ରାଉତ, ମୃତ୍ୟୁଞ୍ଜୟ ଦେଓ, ମାନସ କୁମାର ରାଉତ, ନିରାକାର ବେଉରା, ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି। ତାଙ୍କ ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

## ଭୁବନେଶ୍ୱର ଷ୍ଟେସନ୍‌ରୁ ମହିଳା ନିଖୋଜ



**ଯାଜପୁର, ୯।୩(ସମିସ):** ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ଅନ୍ତର୍ଗତ ଅହିୟାସ ଗ୍ରାମର ପ୍ରଶାନ୍ତ କୁମାର ମିଶ୍ରଙ୍କ ଧର୍ମପତ୍ନୀ ସସ୍ମିତା ମିଶ୍ର (୪୦) ଗତ ୭ ତାରିଖ ଦିନ ପ୍ରାୟ ଦିବା ୧ଘଟିକା ସମୟରେ ଭୁବନେଶ୍ୱର ରେଳଷ୍ଟେସନ୍‌ରୁ କେଉଁ ଆଡେ ନିଖୋଜ ହୋଇଯାଇଛନ୍ତି। ବହୁ ଖୋଜା ଖୋଜି କରାଯାଇଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ମିଳିନଥିଲା। ଦୀର୍ଘ ୧୯ ବର୍ଷ ତଳେ ସେ ପ୍ରଶାନ୍ତଙ୍କୁ ବିବାହ କରିଥିଲେ। ତାଙ୍କର ୪ଟି ଝିଅ ଅଛନ୍ତି। ଯଦି କୌଣସି ବ୍ୟକ୍ତି ତାଙ୍କ ବିଷୟରେ ଅନୁସନ୍ଧାନ ପାଆନ୍ତି ତେବେ ଏହି ମୋବାଇଲ ନଂ ୭୨୦୪୪୭୬୮୧୯ରେ ଯୋଗାଯୋଗ କରିବାକୁ ପରିବାର ପକ୍ଷରୁ ଅନୁରୋଧ କରାଯାଇଛି।

### ନାବାଳିକା ଜନ୍ମ ଦେଲା ଶିଶୁକନ୍ୟା

## ନାବାଳକ ପୋସ୍କୋ କୋର୍ଟରେ ହାଜର

**ଦାନଗଦି, ୯।୩(ସମିସ):** ଜଣେ ଦିବ୍ୟାଙ୍ଗ ନାବାଳିକା ଶିଶୁ କନ୍ୟା ଜନ୍ମ ଦେବା ଘଟଣା ଏବେ ଶିଳ୍ପାଞ୍ଚଳରେ ଚର୍ଚ୍ଚା ଧରିଛି। ଘଟଣାଟି ଘଟିଛି କଳିଙ୍ଗନଗର ଥାନା ଅନ୍ତର୍ଗତ ମସାଖିଆ ଗ୍ରାମରେ। ଗ୍ରାମର ଜଣେ ୧୫ ବର୍ଷୀୟ ଦିବ୍ୟାଙ୍ଗ ନାବାଳିକାକୁ ସେହି ଗ୍ରାମର ଅନ୍ୟ ଜଣେ ୧୬ ବର୍ଷର ନାବାଳକ ପ୍ରେମ କରୁଥିଲା। ନାବାଳକ ଜଣକ ଏବେ ଦଶମ ଶ୍ରେଣୀରେ ପଢୁଛି। ପରେ ନାବାଳିକା ଜଣକ ସ୍ୱାସ୍ଥ୍ୟ ଅବସ୍ଥା ଖରାପ ହେବାରୁ ତାଙ୍କୁ ପରିବାର ଲୋକେ ଦାନଗଦି ଡାକ୍ତରଖାନାକୁ ନେଇଥିଲେ। ସେଠାରୁ ତାଙ୍କୁ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଥିଲା। ପରେ ଗତ ୧ ତାରିଖ ଦିନ ସେ ଯାଜପୁରରେ ଏକ ଶିଶୁ କନ୍ୟା ଜନ୍ମ ଦେଇଥିଲା। ଯେହେତୁ ସେ ନାବାଳିକା ତେଣୁ ଡାକ୍ତରଖାନା ପକ୍ଷରୁ ସ୍ଥାନୀୟ ପୁଲିସ ଓ ଦାନଗଦି ସିଡିପିଓଙ୍କୁ ଘଟଣା ସମ୍ପର୍କରେ ଅବଗତ କରାଯାଇଥିଲା। ସିଡିପିଓ ନାବାଳିକା ଜଣଙ୍କ ଘରେ ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ନାବାଳିକାଙ୍କ ପରିବାର ଲୋକେ କଳିଙ୍ଗନଗର ଥାନାରେ ପହଞ୍ଚି ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ପୁଲିସ ପକ୍ଷରୁ ୫୪/୨୦୨୬ରେ ଏକ ମାମଲା ରୁଜୁ କରିବା ସହ ସମ୍ପୃକ୍ତ ନାବାଳକକୁ ଧରି ଆଣି ଥାନାରେ ଅଟକ ରଖି ପଚରା ଉଚରା କରିଥିଲେ। ପରେ ଉଭୟଙ୍କର ଡାକ୍ତରୀ ମାଇନା କରାଯାଇଥିଲା। ଆଜି ପୁଲିସ ନାବାଳକଙ୍କୁ ଯାଜପୁରର ପସ୍‌କୋ କୋର୍ଟରେ ହାଜର କରିଛନ୍ତି।

## ସଟର୍ ଚାବି ଭାଙ୍ଗି ଦୋକାନରୁ ଚୋରି

**କବାଟବନ୍ଧ, ୯।୩(ସମିସ):** କିଛି ଦିନର ବ୍ୟବଧାନ ପରେ ଜେନାପୁର ଥାନା ଅଞ୍ଚଳରେ ସିରିଜ ଦୋକାନ ଚୋରି ବ୍ୟବସାୟୀ ମଧ୍ୟରେ ଭୟ ସୃଷ୍ଟି କରିଛି। ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ଜେନାପୁର କଲେଜ ନିକଟରେ ଥିବା ୨ଟି ଦୋକାନ ରୁ ଚୋରି ହୋଇଥିବା ଜଣାପଡ଼ିଛି। ଦୁର୍ବୃତ୍ତ ମାନେ ବିଳମ୍ବିତ ରାତିରେ ଦୋକାନ ଚାବି ଭାଙ୍ଗି ଦୋକାନର ବିଭିନ୍ନ ସାମଗ୍ରୀ ନେଇ ଯାଇଛନ୍ତି। ଏ ନେଇ ଜେନାପୁର ଥାନାରେ ଲିଖିତ ଅଭିଯୋଗ ମଧ୍ୟ ହୋଇଛି। ଜେନାପୁର- ଯାବରା ବ୍ରିଜ ନିକଟରେ ସ୍ଥାନୀୟ ଏରସଣ୍ଡା ଗ୍ରାମର ପ୍ରକାଶ କୁମାର ସାହୁ ବ୍ୟବସାୟୀ ଶନିବାର ରାତି ପ୍ରାୟ ୧୧ଟାରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ରାତି ପ୍ରାୟ ୨ଟା ବେଳେ ତାଙ୍କ ସାନ ଭାଇ ମେଳଣରୁ ଫେରୁଥିବା ସମୟରେ ଦୋକାନ ସଟର ଭଙ୍ଗା ଯାଇଥିବା ଦେଖିଥିଲେ। ଏହା ସହିତ ଚୋର ମାନେ ଚୋରି କରିଥିବା ଦୋକାନ ନିକଟରେ ଥିବା ଆଉ ଏକ ଦୋକାନରେ ମଧ୍ୟ ବାହାର ପଟରୁ ତାଲା ପକାଇ ଦେଇଥିଲେ। ଯାହା ଫଳରେ ଚୋର ମାନେ ଧରା ପଡ଼ିବାର ସମ୍ଭାବନା ହଟି ଯିବ। ଦୋକାନ ଭିତରେ ଥିବା ବ୍ୟକ୍ତି ବାହାରକୁ ଉଠିବା ପାଇଁ ଖୋଲିଥିଲେ ମଧ୍ୟ ଖୋଲି ନ ଥିଲା। ଫଳରେ ସେ ତାଙ୍କ ପୁଅକୁ ଫୋନ କରି କହିଥିଲେ। ଲୁଟ ଦୋକାନର ସାମଗ୍ରୀ ମୂଲ୍ୟ ୪୦ରୁ ୪୫ ହଜାର ଟଙ୍କା ହେବ ବୋଲି ଦୋକାନ ମାଲିକ କହିଛନ୍ତି। ଏହା ସହିତ ନଗଦ ଟଙ୍କା ପ୍ରାୟ ୫ ହଜାର ଚୋର ମାନେ ନେଇ ଯାଇଛନ୍ତି। ଏନେଇ ପ୍ରକାଶ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସନ୍ଧାନୀ କୁକୁର ଏବଂ ସାଇଣ୍ଟିଫିକ ଟିମ ଏହି ତଦନ୍ତରେ ସାମିଲ ଥିବା ବେଳେ ଚୋରଙ୍କର କୌଣସି ସନ୍ଧାନ ମିଳିନାହିଁ। ସେହିପରି ଅରିମୂଳ ଗ୍ରାମର ମୁନା ରାଉତଙ୍କ ଦୋକାନରୁ ମଧ୍ୟ ଚୋର ମାନେ ଚୋରି କରି ନେଇଛନ୍ତି। ଚୋରି ସାମଗ୍ରୀରୁ କିଛି ଏବଂ ଏକ କମ୍ପୁଟର ଓଜନ କଣ୍ଟା ବ୍ରିଜର ଅପର ପାର୍ଶ୍ୱରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ଅଞ୍ଚଳରେ ପାଟ୍ରୋଲିଂକୁ କଡ଼ାକଡ଼ି କରିବା ସହିତ ଉକ୍ତ ଛକରେ ଏକ ହାଇମାକ୍ସ୍ ଲାଇଟ ଲଗାଇବାକୁ ଦୋକନି ଏବଂ ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି।

## ପାଟବାଲିରେ ଦୋଳ ଉତ୍ସବ



**ଦାନଗଦି, ୯।୩(ସମିସ):** ଶ୍ରୀକ୍ରିଷ୍ଣା ୟୁଥ କ୍ଲବ ପାଟବାଲି ଆନୁକୂଲ୍ୟରେ ଦ୍ୱାଦଶତମ ଦୋଳ ମହୋତ୍ସବ ହର୍ଷ ଉଲ୍ଲାସ ସହ ପାଳିତ ହୋଇଯାଇଛି। ୫ ଦିନ ଧରି ଅନୁଷ୍ଠିତ ହୋଇଥିବା ଏହି ଉତ୍ସବକୁ ବୁଧବାର ଟମକା ଥାନାର ଭାରପ୍ରାପ୍ତ ଥାନା ଅଧିକାରିଣୀ ବିନତୀ ଦାସ ମୁଖ୍ୟଅତିଥି ଭାବେ ଯୋଗଦାନ କରି ଏହାର ଶୁଭ ଉଦଘାଟନ କରିଥିଲେ। ମଣ୍ଡଳ ସଭାପତି ସନ୍ତୋଷ କୁମାର ପାଣିଗ୍ରାହୀ, ସାମ୍ବାଦିକ ମଳୟ କୁମାର ରାଉତ, ହାବିଲଦାର ଶରତ ଜେନା ପ୍ରମୁଖ ଉପସ୍ଥିତ ରହିଥିଲେ। ସେହିପରି ଉଦ୍‌ଯାପନୀ ଦିବସରେ ଶନିବାର ଓଡ଼ିଶା ସରକାରଙ୍କର ସମବାୟ ମନ୍ତ୍ରୀ ଡ. ପ୍ରଦୀପ ବଳସାମନ୍ତ ମୁଖ୍ୟଅତିଥି ଭାବେ ଯୋଗଦାନ କରି ରାଧାକୃଷ୍ଣଙ୍କ ଯୁଗଳ ବିଗ୍ରହଙ୍କୁ ଦର୍ଶନ କରି ଆଶିଷ ଲାଭ କରିବା ସହ ଦୀର୍ଘ ୧୨ ବର୍ଷ ଧରି ଏଭଳି କାର୍ଯ୍ୟକ୍ରମ ଆୟୋଜିତ କରିଥିବା ୟୁଥ କ୍ଲବକୁ ସାଧୁବାଦ ପ୍ରଦାନ କରିଥିଲେ। ଏହି ଅବସରରେ ଜିଲ୍ଲା ବିଜେପି ସମ୍ପାଦକ ପ୍ରତାପ ଚନ୍ଦ୍ର ଧୀର, ୮ ନମ୍ବର ଜୋନ ମଣ୍ଡଳ ସଭାପତି ସନ୍ତୋଷ ପାଣିଗ୍ରାହି, ଓଡ଼ିଶା ମାଇନିଂ ୱାର୍କସ ୟୁନିୟନ ଉପସଭାପତି ଭାଗୀରଥି ମହାକୁଡ଼, ସ୍ଥାନୀୟ ସରପଞ୍ଚ ବିଜୟ କୁମାର ଜେନା, ପଞ୍ଚାୟତ ବିଜେପି ସଭାପତି ସନ୍ତୋଷ କୁମାର ନାୟକ, ପ୍ରାକ୍ତନ ସମିତି ସଭ୍ୟ ରବୀନ୍ଦ୍ର କୁମାର ରାଉତ ପ୍ରମୁଖ ଉପସ୍ଥିତ ରହିଥିଲେ। ଆୟୋଜକ ମଣ୍ଡଳି ତରଫରୁ ମିନା ବଜାର ସମେତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ସହସ୍ରାଧିକ ଲୋକଙ୍କ ଜନ ସମାଗମ ହୋଇଥିଲା। ୟୁଥ କ୍ଲବ ତରଫରୁ ନୀରଞ୍ଜନନ ପାତ୍ର, କୃଷ୍ଣଚନ୍ଦ୍ର ପାତ୍ର, ଅଙ୍କନ ପାତ୍ର, ବୁଟୁ ଦାସ, ବଂଶୀଧର ଦାସଙ୍କ ସମେତ ସମସ୍ତ ସଭ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ମୃତ୍ୟୁ ପ୍ରମାଣପତ୍ରରେ ତାରିଖ ଭୁଲ୍

## ଧାରଣାରେ ବସିଲେ ସାମ୍ବାଦିକଙ୍କ ପରିବାର



**ବଡ଼ଚଣା, ୯।୩(ସମିସ):** ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭୁଲ ମୃତ୍ୟୁ ପ୍ରମାଣ ପତ୍ର ଦେଇଥିବାରୁ ଏହାର ପ୍ରତିବାଦରେ ଆଜି ପ୍ରଶାସନିକ ଭବନ ସମ୍ମୁଖରେ ମୃତକଙ୍କ ସ୍ତ୍ରୀ, ପୁଅ ଓ ସାମ୍ବାଦିକ ଭାଇ ଧାରଣାରେ ବସିଥିବା ଦେଖିବାକୁ ମିଳିଥିଲା। ସୂଚନା ଅନୁଯାଇ ବଡ଼ଚଣା ବ୍ଲକ ଅଧୀନସ୍ତ ଆମ୍ବସୌରୀ ଗାଁର ବିଭୁତି ଭୂଷଣ ନାୟକ (୫୬) ଜଣେ ଅଧ୍ୟାପକ ଭାବେ ଧର୍ମଶାଳା ବ୍ଲକ ଚଢ଼େଇଧରା କଲେଜରେ ଅଧ୍ୟାପନା କରୁଥିଲେ। ତେବେ ଫେବୃଆରୀ ୪ ତାରିଖରେ କଲେଜରେ ତାଙ୍କର ମୃତ୍ୟୁ ଘଟିଥିଲା। କଲେଜ ପକ୍ଷରୁ ତାଙ୍କୁ ବଡ଼ଚଣା ଡାକ୍ତରଖାନାକୁ ଅଣା ଯାଇଥିଲା। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିଦିନ ସନ୍ଧ୍ୟା ହୋଇଯାଇଥିବାରୁ ଶବ ବ୍ୟବଚ୍ଛେଦ ନ ହୋଇ ପରଦିନ ଅର୍ଥାତ ୫ ତାରିଖରେ ବ୍ୟବଚ୍ଛେଦ କରାଯାଇଥିଲା। ବ୍ୟବଚ୍ଛେଦ ରିପୋର୍ଟ ସହିତ ପୁଲିସ ରିପୋର୍ଟ ଦେବା ପରେ ଡାକ୍ତରଖାନା ଜନ୍ମମୃତ୍ୟୁ ପ୍ରମାଣ ପତ୍ର ବିଭାଗ ପକ୍ଷରୁ ବିଭୁତିଙ୍କ ପରିବାରଙ୍କୁ ଭୁଲରେ ୫ ତାରିଖରେ ମୃତ୍ୟୁ ଘଟିଥିବା ପ୍ରମାନପତ୍ର ମିଳିଥିଲା। ଏ ବିଷୟରେ ବିଭୁତିଙ୍କ ପୁଅ ବିନାୟକ ଓ ସାମ୍ବାଦିକ ବୀରେନ୍ଦ୍ର ନାୟକ ପଚାରିବାରୁ ସେ କହିଲେ କି ପୁଲିସ ଯାହା ରିପୋର୍ଟ ଦେଇଥିଲେ ସେହି ଅନୁସାରେ ଆମେ ମୃତ୍ୟୁ ପ୍ରମାଣପତ୍ର ଦେଇଛୁ। ଏହାକୁ ବିରୋଧ କରି ଆଜି ମୃତ ବିଭୁତିଙ୍କ ପତ୍ନୀ କନକଲତା ନାୟକ, ଭାଇ ସାମ୍ବାଦିକ ବିରେନ୍ଦ୍ର ନାୟକ ଓ ପୁଅ ବିନାୟକ ନାୟକ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରଶାସନ ଭବନ ସମ୍ମୁଖରେ ଧାରଣାରେ ବସିଥିଲେ। ଏ ବିଷୟରେ ବଡ଼ଚଣା ବିଧାୟକ ଅମର କୁମାର ନାୟକ ଖବର ପାଇବା ପରେ ତୁରନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଅବଗତ କରିବା ପରେ ସେ ଜଣେ ପ୍ରଶାସନିକ ଅଧିକାରି ପଠାଇଥିଲେ। ଉଭୟ ବଡ଼ଚଣା ମୁଖ୍ୟ ଚିକିତ୍ସାଧିକାରୀ ଓ ପ୍ରଶାସନିକ ଅଧିକାରୀଙ୍କ ସହିତ ଧାରଣାକାରିଙ୍କ ନିକଟରେ ପହଞ୍ଚି ସେମାନଙ୍କୁ ବୁଝାବୁଝି କରି ଚଳିତ ମାସ ୧୫ ତାରିଖ ସୁଦ୍ଧା ସଠିକ ମୃତ୍ୟୁ ପ୍ରମାଣ ପତ୍ର ଦେବାକୁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ସାହାପୁର ଦୋଳ ମେଳଣ ଉଦ୍‌ଯାପିତ

**ପାଣିକୋଇଲି, ୯।୩(ସମିସ):** କୋରାଇ ବ୍ଲକ ଅନ୍ତର୍ଗତ ଗୋଳେଇପୁର ପଞ୍ଚାୟତର ସାହାପୁର ହାଟପଡ଼ିଆରେ ୪୧ତମ ଦୋଳ ମେଳଣ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଛି। ରବିବାର ମଧ୍ୟରାତ୍ରରୁ ଆରମ୍ଭ ଏହି ଉତ୍ସବ ସୋମବାର ଉଦ୍‌ଯାପିତ ହୋଇଛି। ପ୍ରାଥମିକ ବିଦ୍ୟାଳୟ ପରୀକ୍ଷା ଯୋଗୁଁ ମେଳଣ ଉତ୍ସବକୁ ବନ୍ଦ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୧୮ଟିରୁ ଊର୍ଦ୍ଧ୍ୱ ଦୋଳ ବିମାନ ସାମିଲ ହୋଇଥିଲେ। ମହାବୀର ଆଞ୍ଚଳିକ ଯୁବକ ସଙ୍ଘ ଆନୁକୂଲ୍ୟରେ ସ୍ଥାନୀୟ ଅଞ୍ଚଳରେ ଭାଇଚାରର ସୁସମ୍ପର୍କ ବଜାୟ ରଖିବାର ପ୍ରୟାସ କରାଯାଇ ଏହି କାର୍ଯ୍ୟକ୍ରମ ଚାଲୁ ରହିଛି। ଦୋଳ ବିମାନ ଗୁଡିକ ଯଥା- ୨ ଥାନପତି, ବୃନ୍ଦାବନ ଚନ୍ଦ୍ର, ଗୋପିନାଥ ଜୀଉ, ମହମ୍ମଦପୁର, ମହାରଣା ସାହି, କୁଣ୍ଡପାଟଣା, ନୂଆ ମିର୍ଜାପୁର, ମଧୁବନ ମିର୍ଜାପୁର, ମଲପଡ଼ା ଶାସନ, ମଲପଡ଼ା, କେଉଟ ନଗୁଆଁ, କେଶରପଡ଼ା (କ), କେଶରପଡ଼ା(ଖ), ମହାଖଳା, ହରିପୁର ସାନ ଠାକୁରୁ, ବୃନ୍ଦାବନ ଚନ୍ଦ୍ର, ଗୋପିନାଥ ଜୀଉ, ଆଦି ସ୍ଥାନରୁ ବିମାନ ଗୁଡିକ ଆସିଥିଲା। ସମସ୍ତ ବିମାନ ଗୁଡିକ ହାଟ ପଡ଼ିଆରେ ଏକତ୍ରୀତ ହେବା ପରେ ପ୍ରତାପ କୁମାର ମହାନ୍ତିଙ୍କ ନେତୃତ୍ୱରେ ମୁଖ୍ୟ ଅତିଥି ଭାବେ ପାଣିକୋଇଲି ଥାଧିକାରୀ ରଞ୍ଜିତ ମହାନ୍ତି ପ୍ରମୁଖ ଯୋଗଦେଇ ବିମାନ ଗୁଡିକ ବୁଲି ଭୋଗଲାଗି କରିବା ପରେ ବିଦା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମହାବୀର ଆଞ୍ଚଳିକ ଯୁବକ ସଙ୍ଘର ସଭାପତି ସନ୍ତୋଷ କୁମାର ସାହୁ, ପ୍ରକାଶ ମହାନ୍ତି, ପ୍ରଦୀପ୍ତ ମହାନ୍ତି, ମନୋ ବିଜ୍ଞାନ ପୃଷ୍ଟି, ଆଦ୍ୟ ପଟ୍ଟନାୟକ, ବିଳାସ ବେହେରା, ତପନ ଦଳାଇ, ରମେଶ ରାଉତ, ଦେବାଶିଷ ଦାସ, ସୌମ୍ୟ ରଞ୍ଜନ ମଙ୍ଗରାଜ, ରାକେଶ ଖଵଲାର, ମନୋଜ ଖିଲାର, ନିତୀନ ପଟ୍ଟନାୟକ, ଗୋଲକ ମହାନ୍ତି, ଦୀପକ ସାହୁ, ପ୍ରଭାସ ମହାନ୍ତି, ଜଗନ୍ନାଥ ପଣ୍ଡା, ସପନ ଦଳାଇଙ୍କ ସମତେ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



## ଦଶରଥପୁରରେ ମହିଳା ଦିବସ



**ଦଶରଥପୁର, ୯।୩(ସମିସ):** ଦଶରଥପୁର ବ୍ଲକ ବିରଜାପୁର ପଞ୍ଚାୟତରେ ଥିବା ଗୋଷ୍ଠୀ ପରିଚାଳିତ ତାଲିମ କେନ୍ଦ୍ର ପରିସରରେ ବିଶ୍ୱ ମହିଳା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିରଜାପୁର ସରପଞ୍ଚ ନିରାକାର ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଯାଜପୁର ବିଧାୟିକା ସୁଜାତା ସାହୁ, ସମ୍ମାନିତ ଅତିଥିଭାବେ ବିଡିଓ ଆକାଶ ପଟ୍ଟନାୟକ, ଜିଲ୍ଲା ପରିଷଦ ସଭ୍ୟା ମାମିନା ମଲ୍ଲିକ, ଜିଲ୍ଲା ମିଶନଶକ୍ତି ଅଧିକାରିଣୀ ରଶ୍ମିତା ପ୍ରଧାନ, ଶୁଭସ୍ମିତା ମହାନ୍ତି, ରୁଚିକା ସମାଜ ମଙ୍ଗଳ ଅନୁଷ୍ଠାନର ରାମେଶ୍ୱରୀ ଦ୍ୱିବେଦୀ ପ୍ରମୁଖ ଯୋଗଦେଇ ବର୍ତମାନ ସମାଜରେ ମହିଳାଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ଉପଲକ୍ଷେ ବିଭିନ୍ନ କ୍ଷେତ୍ରରେ ସଫଳ ୧୫ ମହିଳା ଉଦ୍ୟୋଗୀଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ୨ଶହରୁ ଅଧିକ ମହିଳା, ଆଶା ଓ ଅଙ୍ଗନବାଡି କର୍ମୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଯୋଗ ଦେଇଥିଲେ। ପ୍ରାରମ୍ଭରେ ମହିଳା ସଶକ୍ତୀକରଣକୁ ନେଇ କୁନି କୁନି ଶିଶୁ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ମନ୍ଦିର ପରିସରରେ ସଫେଇ କାର୍ଯ୍ୟକ୍ରମ



**ଯାଜପୁର, ୯।୩(ସମିସ):** ଆର୍ନ୍ତଜାତିକ ମହିଳା ଦିବସ ଉପଲକ୍ଷେ ଯାଜପୁର ରୋଟାରୀ କ୍ଲବ୍ ଓ ଇନରହ୍ୱିଲ୍ କ୍ଲବ୍‌ର ମିଳିତ ଉଦ୍ୟମରେ ରବିବାର ଦିନ ବୈଦ୍ୟନାଥ ମନ୍ଦିର ପରିସର ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରୋଟାରୀ କ୍ଲବ୍‌ର ସଭାପତି, ସମ୍ପାଦକ, ଇନରହ୍ୱିଲର ସଭାପତି, ସମ୍ପାଦକ ଓ ସଭ୍ୟ/ସଭ୍ୟା ମାନଙ୍କ ମିଳିତ ସହଯୋଗରେ ମନ୍ଦିର ପରିସରକୁ ପରିଷ୍କାର ପରିଚ୍ଛନ୍ନ କରାଯାଇଥିଲା। ଏହି ଅବସରରେ କ୍ଲବ ପକ୍ଷରୁ ଏକ ସଭା ଆୟୋଜନ ହୋଇ ମହିଳାମାନଙ୍କ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ ସଂଗଠନ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମକୁ ହାତକୁ ନିଆଯିବା ପାଇଁ କାର୍ଯ୍ୟ କରାଯିବ ବୋଲି ସ୍ଥିର କରାଯାଇଥିଲା। ଶେଷରେ ବାବା ବୈଦ୍ୟନାଥଙ୍କ ପୂଜାର୍ଚ୍ଚନା କରାଯାଇ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।

## ବଡ଼ଚଣା ବ୍ଲକ୍ କଂଗ୍ରେସ କମିଟି ପକ୍ଷରୁ ଗଣଧାରଣା

**ବଡ଼ଚଣା, ୯।୩(ସମିସ):** ବଡ଼ଚଣା ବ୍ଲକ କଂଗ୍ରେସ କମିଟି ସଭାପତି ଚିନ୍ମୟ ପ୍ରଧାନଙ୍କ ନେତୃତ୍ୱରେ ଆଜି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହିତ ୧୦ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ବଡ଼ଚଣାର ବିଭିନ୍ନ ଅଞ୍ଚଳରେ ପାନୀୟ ଜଳର ସମସ୍ୟା ସମାଧାନ କରିବା ସହିତ ସମସ୍ତ ଘରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଦଳମତ ନିର୍ବିଶେଷରେ ସମସ୍ତ ଯୋଗ୍ୟ ବିବେଚିତ ହିତାଧିକାରୀଙ୍କୁ ପକ୍କା ଘର ପ୍ରଦାନ, ନିଆଳି ଗ୍ରାମର ମୃତ ଚାଷୀ ବିଦ୍ୟାଧର ମଲ୍ଲିକଙ୍କୁ ୨୦ ଲକ୍ଷ ଟଙ୍କା ପ୍ରଦାନ, ସମସ୍ତ ଚାଷୀଙ୍କ ଠାରୁ ଧାନ କ୍ରୟ, ଭାଗଚାଷୀଙ୍କୁ ଚିହ୍ନଟ କରି ସରକାରୀ ସହାୟତା ପ୍ରଦାନ, ଲଘୁ ଖଣିଜ ତଥା ବାଲି ମୋରରମ, ମାଙ୍କଡ଼ା ପଥରର ଚୋରା ଚାଲାଣ ରୋକିବା, ବେକାରୀ ସମସ୍ୟା ଦୂର କରି ଯୁବକ ଯୁବତୀ ନିଯୁକ୍ତି ପ୍ରଦାନ, ସମସ୍ତ ମେଡ଼ିକାଲକୁ ଆମ୍ବୁଲାନ୍ସ ଯୋଗାଇ ଦେବା ସହିତ ଡାକ୍ତର ନିଯୁକ୍ତି, ବିପର୍ଯ୍ୟସ୍ତ ଆଇନ୍ ଶୃଙ୍ଖଳା ରୋକିବା ସହିତ ଜନସାଧାରଣଙ୍କୁ ନ୍ୟାୟ ପ୍ରଦାନ କରିବାକୁ ଦାବି କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ପ୍ରଦେଶ କଂଗ୍ରେସ କମିଟି ସେବାଦଳ ଅଧ୍ୟକ୍ଷ, ଶୁଭେନ୍ଦୁ ମହାନ୍ତି, ପ୍ରଦେଶ କଂଗ୍ରେସ କମିଟି ପରିବେଶ କମିଟି ଆବାହକ ସୁଧାଂଶୁ ଶେଖର ଦେଓ, ଯାଜପୁର ଜିଲ୍ଲା କଂଗ୍ରେସ କମିଟି ସଭାପତି ମାଗୁଣୀ ଜେନା, ଉପ ସଭାପତି ଅକ୍ଷୟ କୁମାର ସ୍ୱାଇଁ, ସମ୍ପାଦକ ପ୍ରବୀର ବଳ, ସୁମନ୍ତ କୁମାର ଜେନା, ବ୍ଲକ ଛାତ୍ର କଂଗ୍ରେସ୍ ସଭାପତି ଜୟ ପ୍ରକାଶ ବିଶ୍ୱାଳ, ଯୁବନେତା ଚର୍ଚ୍ଚିତ ମାହାଲା, ଶିଶିର କୁମାର ସାମଲ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ କଂଗ୍ରେସ କର୍ମୀ ମାନେ ଏକ ଶୋଭାଯାତ୍ରାରେ ଆସି ସହିଦ୍ ସ୍ତମ୍ଭ ନିକଟରେ ଧାରଣା ଦେଇଥିଲେ। ଶେଷରେ ଏକ ଦାବିପତ୍ର ବିଡିଓଙ୍କ ଜରିଆରେ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା।



ସକାଳ



# ୩ ଶହ ବର୍ଷ ଇତିହାସର ଗାଥା ଗାଉଛି ବାସୁଦେବ ପୀଠ

ଅସୁରାଳି, ୯।୩(ସମିସ)



ଧାମନଗର ବ୍ଲକ୍ ଅର୍ଜୁନପୁର ପଞ୍ଚାୟତ ଅଧୀନ ବାଲିପାଟଣା ଗାଁର ବାସୁଦେବ ପୀଠ ଏକ ବହୁ ପୁରାତନ ଶୈବପୀଠ। ପ୍ରାୟ ୩ଶହ ବର୍ଷର ପୁରାତନ ଏହି ପୀଠ ସମ୍ପର୍କରେ କିମ୍ବଦନ୍ତୀ କହେ, ରାଜା ଯଯାତି କେଶରୀଙ୍କ ରାଜତ୍ୱ କାଳରେ ଜଣେ ନାବିକ ବୈତରଣୀ ନଦୀରେ ପ୍ରଭୁ ବାସୁଦେବଙ୍କୁ ନୌକାରେ ନେଇ ଯାଉଥିବା ସମୟରେ ନୌକାଟି ଏହି ସ୍ଥାନରେ ଅଟକି ରହିଯାଇଥିଲା। ଯେତେ

## ଉନ୍ନତୀକରଣ ପାଇଁ ସ୍ଥାନୀୟ ଅଞ୍ଚଳରେ ଉଠିଲା ଦାବି

ଚେଷ୍ଟା କଲେ ବି ଆଗକୁ ଗଲା ନାହିଁ। ବାଧହୋଇ ନାବିକ ସେହିଠାରେ ଠାକୁରଙ୍କ ସହିତ ରାତ୍ରୀଯାପନ କଲେ। ରାତିରେ ବାସୁଦେବ ସ୍ୱପ୍ନରେ ନାବିକଙ୍କୁ ଦେଖାଦେଇ ତାଙ୍କୁ ସେହି ସ୍ଥାନରେ ରହିବା ପାଇଁ ପ୍ରକାଶ କଲେ। ଫଳରେ ନାବିକ ଠାକୁରଙ୍କ ମୂର୍ତ୍ତିକୁ ସେହି ସ୍ଥାନରେ ଛାଡ଼ିଦେଇ ଗଲେ। କିଛି ଦିନ ପରେ ସେଠାରେ ଜଣେ ସାଧୁ ଉପସ୍ଥିତ ହୋଇ ବାସୁଦେବଙ୍କୁ ପୂଜାର୍ଚ୍ଚନା କରିବା ସହିତ ଗ୍ରାମବାସୀଙ୍କ ସହଯୋଗରେ ଏକ ଚାଳ ଘର ନିର୍ମାଣ କରି ଠାକୁରଙ୍କୁ ପ୍ରତିଷ୍ଠା କରି ପୂଜା କାର୍ଯ୍ୟ ସମ୍ପାଦନ କରୁଥିଲେ। କାଳକ୍ରମେ ଠାକୁରଙ୍କ ସମ୍ପର୍କରେ ପ୍ରଚାରିତ ହେଲା ଓ ବହୁ ଶ୍ରଦ୍ଧାଳୁ ଭକ୍ତଙ୍କର ସମାଗମ ହେବା ସହିତ ବିଭିନ୍ନ ଉତ୍ସବ ଅନୁଷ୍ଠାନ ହେବାକୁ ଲାଗିଲା। ୧୯୯୦ରେ ଗ୍ରାମବାସୀ ଓ ଭକ୍ତ ଅରୁଣ ନାୟକଙ୍କ ଦ୍ୱାରା ଏକ ଭବ୍ୟ ମନ୍ଦିର ନିର୍ମାଣ କରାଯାଇ ବାସୁଦେବଙ୍କୁ ସେଠାରେ ପ୍ରତିଷ୍ଠା କରି ପୂଜା କରାଯାଉଛି। ଧୀରେ ଧୀରେ ପ୍ରଭୁଙ୍କ ଅପାର କରୁଣାରୁ ସେହି ସ୍ଥାନରେ ମହାଦେବ ମନ୍ଦିର, ଲକ୍ଷ୍ମୀ ମନ୍ଦିର, ଗଣେଶ ମନ୍ଦିର, ହନୁମାନ ମନ୍ଦିର, ଗ୍ରାମଦେବତୀ ମନ୍ଦିର ଆଦି ନିର୍ମିତ ହୋଇ ଏହାର ଆଧ୍ୟାତ୍ମିକ ପରିବେଶକୁ ବ୍ୟାପକ ଉନ୍ନତିକରଣ ପାଇଁ ଦାବି ଜଣାଇଲେ ଗ୍ରାମବାସୀ। ପ୍ରତିଦିନ ବିଭିନ୍ନ ନୀତିକାନ୍ତି ଅନୁସାରେ ପୂଜା ଅନୁଷ୍ଠିତ ହେଉଥିବାବେଳେ ବହୁ ଶ୍ରଦ୍ଧାଳୁ ମାନସିକ ପୂରଣ ପାଇଁ ପୂଜା କରିଥା'ନ୍ତି। ବହୁ ଶ୍ରଦ୍ଧାଳୁ ଦର୍ଶନ ପାଇଁ ଏହି ସ୍ଥାନକୁ ଦୂରଦୂରାନ୍ତରୁ ଆସିଥା'ନ୍ତି। ପ୍ରତିବର୍ଷ ଅଗିରା ପୂର୍ଣ୍ଣମୀ ଅବସରରେ ଏଠାରେ ବିରାଟ ମେଳା ଲାଗିଥାଏ ଓ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥାଏ। ଏଠାରେ ମଧ୍ୟ ବୈତରଣୀ ନଦୀ ମଧ୍ୟରୁ ବହୁ ପୁରାତନ ଖୋଦିତ ପ୍ରସ୍ତର ଖଣ୍ଡମାନ ଉଦ୍ଧାର କରାଯାଇ ରଖାଯାଇଛି। ଯାହାକି ଅନ୍ୟ ଏକ ଆକର୍ଷଣ ଭାବେ ଗ୍ରହଣୀୟ ହୋଇପାରିଛି। ଆଜକୁ ୮ ବର୍ଷ ହେବ ଅଧପନ୍ତରିଆ ହୋଇ ପଡ଼ି ରହିଛି କଲ୍ୟାଣ ମଣ୍ଡପ। ପ୍ରଶାସନ ତରଫରୁ ଏହି ସ୍ଥାନର ଉନ୍ନତିକରଣ କରାଗଲେ ଏହା ଏକ ଉନ୍ନତ ଆଧ୍ୟାତ୍ମିକ ପୀଠ ତଥା ପର୍ଯ୍ୟଟନସ୍ଥଳୀ ଭାବରେ ସମଗ୍ର ଜିଲ୍ଲାରେ ତଥା ରାଜ୍ୟରେ ପ୍ରତିଷ୍ଠିତ ହୋଇପାରନ୍ତା। ଏହି ପୀଠର ଉନ୍ନତି ପାଇଁ ସରକାରୀ ସହାୟତା ଯୋଗାଇଦେବାକୁ ସ୍ଥାନୀୟ ଅଞ୍ଚଳରେ ଦାବି କରିଛନ୍ତି।

# ୩୬ ଦୋକାନ ଘର ଉଚ୍ଛେଦ



ଭଦ୍ରକ, ୯।୩(ସମିସ): ଭଦ୍ରକ ତହସିଲ୍ ଅଧୀନ ବିଷ୍ଣୁପୁରବିନ୍ଧା ପଞ୍ଚାୟତ ଅଧୀନ ଆନନ୍ଦବଜାରରେ ସରକାରୀ ଜମି (ଗୋଚର ଓ ଗ୍ରାମ୍ୟ ଜଙ୍ଗଲ)ରେ ଥିବା ୩୬ଟି ଦୋକାନଘରକୁ ସୋମବାର ଉଚ୍ଛେଦ କରାଯାଇଛି। ପୁଲିସ ଫୋର୍ସଙ୍କ ସହ ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମକେଶରୀ ଖୁଣ୍ଟିଆ, ଆଡିସନାଲ ତହସିଲଦାର ସୁକାନ୍ତ କୁମାର ଦାଶ, ତହସିଲ୍ ସୁପରଭାଇଜର ଜ୍ୟୋତିରଞ୍ଜନ ପଣ୍ଡା, ଅର୍ଣ୍ଣପାଳ ଆର୍ଆଇ ଅଙ୍କିତ ସୋରେନ୍, ଏଆର୍ଆଇ କାର୍ତ୍ତିକ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଏହି ସରକାରୀ ଜମିରୁ ଉଚ୍ଛେଦ ପରେ ଏଠାରେ ପ୍ରଶାସନ ପକ୍ଷରୁ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହେବ।

# ଏକାଧିକ ବାଲି ବୋଝେଇ ଟ୍ରାକ୍ଟର ଅଟକ

ବାରିକପୁର, ୯।୩(ସମିସ): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ବୈତରଣୀ ନଦୀର ବାଲି ପୋଖରୀ ଏସ୍କେପ ନିକଟରୁ ସୋମବାର ଏକାଧିକ ବାଲି ବୋଝେଇ ଟ୍ରାକ୍ଟରକୁ ପୁଲିସ ନିଜ ହେପାଜତକୁ ନେଇଛି। ଗାଡ଼ିଗୁଡ଼ିକ ବେଆଇନ ଭାବେ ବାଲି ପରିବହନ କରୁଥିବା ଅଭିଯୋଗ କରି ସ୍ଥାନୀୟ ଲୋକମାନେ ପ୍ରାୟ ଦୁଇ ଘଣ୍ଟା ଧରି ଏସ୍କେପଠାରେ ଏହାକୁ ଅଟକ ରଖିଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରାକ୍ଟରଗୁଡ଼ିକୁ ଥାନାକୁ ଆଣିଥିବା ଜଣାପଡ଼ିଛି। ବେଆଇନ ଚାଲାଣ ନେଇ ଖଣି ଅଧିକାରୀଙ୍କ ଉପସ୍ଥିତିରେ ପୁଙ୍ଖାନୁପୁଙ୍ଖ ଯାଞ୍ଚ ହେବ ବୋଲି ସୂଚନା ମିଳିଛି।

# ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

● ଥାନାରେ ଅଭିଯୋଗ ପରେ ଗ୍ରାମର କିଛି ବ୍ୟକ୍ତି ଫେରାର୍

ବାସୁଦେବପୁର, ୯।୩(ସମିସ): ବାସୁଦେବପୁର ବ୍ଲକ୍ ଆର୍ଡ଼ି ପଞ୍ଚାୟତରେ ହୋଲି ଦିନ ବିଜୟ କୁମାର ମହାନ୍ତିଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ବିଜୟଙ୍କୁ ପିଟିପିଟି ହତ୍ୟା କରାଯାଇଛି ବୋଲି ପତ୍ନୀ ଶାନ୍ତିଲତା ମହାନ୍ତି ବାସୁଦେବପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଥାନାରେ ଅଭିଯୋଗ ପରେ ସେହି ଗ୍ରାମର କିଛି ଲୋକ ଫେରାର୍ ହୋଇଯାଇଛନ୍ତି। ଘଟଣାରୁ ଜଣାଯାଇଛି, ହୋଲି ଦିନ ବିଜୟ ଓ ସେହି ଗ୍ରାମର କିଛି ଲୋକଙ୍କ ସହିତ ମଜାମସ୍ତି କରିଥିଲେ। ନିଶାସକ୍ତ ଅବସ୍ଥାରେ ବିଜୟଙ୍କୁ ମାଡ଼ମାରି କଟ ଦୋକାନ ପାଖରେ ପକାଇ ଦେଇଥିଲେ। ଯାହା ପାଖ ଦୋକାନରେ ଲାଗିଥିବା ସିସିଟିଭିରେ କଏଦ ହୋଇଛି। ନିଶାସକ୍ତ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି ବୋଲି କେତେକ କହୁଛନ୍ତି। ଅନ୍ୟପକ୍ଷରେ ବିଜୟଙ୍କୁ ପିଟିପିଟି ମାରି ଦିଆଯାଇଛି ବୋଲି ପତ୍ନୀ ଶାନ୍ତିଲତା ମହାନ୍ତି ବାସୁଦେବପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଘଟଣାର ତଦନ୍ତ କରୁଥିବାବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟକୁ ଅନାଇ ବସିଛି। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚଙ୍କୁ ପଚାରିବାରୁ ସେ କହିଲେ ପୁଲିସ ତଦନ୍ତ କରୁଛି, ପ୍ରକୃତ ରହସ୍ୟ ଖୁବ୍ଶୀଘ୍ର ଜଣାପଡ଼ିବ।

# ଖୋଲାଖୋଲି ଚାଲିଛି ଓଭର୍‌ଲୋଡିଂ ହାଇୱା



ବାରିକପୁର, ୯।୩(ସମିସ): ସରକାରଙ୍କ ପକ୍ଷରୁ ଓଭରଲୋଡିଂ ହାଇୱାକୁ ବେଆଇନ ଘୋଷଣା କରାଯାଇଥିଲା ବେଳେ ଏହା କେବଳ କାଗଜପତ୍ରରେ ସୀମିତ ଥିବା ସାଧାରଣରେ ଅଭିଯୋଗ ହେଉଛି। ତିହିଡ଼ି ବ୍ଲକ୍ ଅଧୀନ ଦୋଳସାହି-ବୋଡକ ପୂର୍ତ୍ତ ବିଭାଗ ରାସ୍ତାରେ ଦୈନିକ ଶହଶହ ସଂଖ୍ୟାରେ ଓଭରଲୋଡିଂ ହାଇୱା ଯାତାୟାତ କରୁଥିବାବେଳେ ତହସିଲ୍‌ରୁ ଜିଲ୍ଲା ପ୍ରଶାସନିକ ଅଧିକାରୀମାନେ କୋମାରେ ଥିବା ସାଧାରଣରେ ଆଲୋଚନା ହେଉଛି। ସେହିପରି ଏହି ପୂର୍ତ୍ତ ବିଭାଗ ରାସ୍ତାରେ ଭାରୀଯାନ ଯାତାୟାତ କରିବା ନିୟମ ନ ଥିଲାବେଳେ ଦୈନିକ ଶହଶହ ସଂଖ୍ୟାରେ ଓଭରଲୋଡିଂ ହାଇୱା ଯାତାୟାତ କରୁଛି। ଫଳରେ ରାସ୍ତାର ବିଭିନ୍ନ ସ୍ଥାନରେ ଛୋଟବଡ଼ ଗର୍ତ୍ତ ସୃଷ୍ଟି ହେଉଥିବା ସହ ଦୈନିକ ଛୋଟ ବଡ଼ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଛି। ସେହିପରି ଏହି ପୂର୍ତ୍ତର୍ ବିଭାଗ ରାସ୍ତାର ଦୁଇ ପାର୍ଶ୍ୱରେ ଜବରଦଖଲକାରୀମାନେ ଜବରଦଖଲ କରୁଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଥିଲାବେଳେ ପ୍ରଶାସନ କୁମ୍ଭକର୍ଣ୍ଣ ନିଦ୍ରାରେ ଥିବା ସାଧାରଣରେ ଅଭିଯୋଗ ହେଉଛି।

# ୧୧ରେ ଦର୍ଶନ ପରିବାର ପକ୍ଷରୁ ପୂଜ୍ୟପୂଜା ସମ୍ମାନ

ଭଦ୍ରକ, ୯।୩(ସମିସ): ଭାରତୀୟ ସଂସ୍କୃତିରେ ପୂଜ୍ୟପୂଜା ସମ୍ମାନ ହେଉଛି ଏକ ଧାରା। ଏହି ସଂସ୍କୃତିକୁ ବଜାଇ ରଖିବାକୁ ଦୈନିକ ସମ୍ବାଦପତ୍ର ଦର୍ଶନ ପରିବାର ପକ୍ଷରୁ ପ୍ରୟାସ ଜାରିରହିଛି। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଭଦ୍ରକର ଟାଉନ ହଲ୍‌ରେ ସମ୍ପାଦକ ଇଂ ବିଭୂତିଭୂଷଣ ନାୟକଙ୍କ ସଭାପତିତ୍ୱରେ ଏହି ପୂଜ୍ୟପୂଜା ସମ୍ମାନ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ପରିଚାଳନା ସମ୍ପାଦକ ପ୍ରସମିତା ମହାନ୍ତି ପ୍ରକାଶ କରିଛନ୍ତି। ଏଥିସହିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏଙ୍କ ସହିତ ମୁଖ୍ୟବକ୍ତା ଭାବେ ରାଜ୍ୟ ଉତ୍କଳ ସାମ୍ବାଦିକ ସଂଘ ସଭାପତି ବିଭୂତିଭୂଷଣ କରଙ୍କ ସମେତ ବହୁ ରାଜନେତା ଯୋଗଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଉକ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ପ୍ରତିନିଧି ଆଶିଷ କୁମାର ମହାନ୍ତି ପରିଚାଳନା କରୁଥିବାବେଳେ ଉତ୍କଳ ସାମ୍ବାଦିକ ସଂଘ ସଭାପତି ରବିନାରାୟଣ ଖିଲାର ସଂଯୋଜନା କରିବେ ବୋଲି ପରିଚାଳନା ସମ୍ପାଦକ ଶ୍ରୀମତୀ ମହାନ୍ତି ପ୍ରକାଶ କରିଛନ୍ତି।

# ଉତ୍ପାଦିକା ଗୋଷ୍ଠୀଙ୍କ ପ୍ରଶିକ୍ଷଣ ଶିବିର



ବାରିକପୁର, ୯।୩(ସମିସ): ରହଣିଆ ପଞ୍ଚାୟତ ରାଢୋସ୍ଥିତ କଳାଠାକୁର କୃଷକ ଉତ୍ପାଦିକା ଗୋଷ୍ଠୀ କାର୍ଯ୍ୟାଳୟଠାରେ ଏକଦିବସୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଉତ୍ପାଦିକା ଗୋଷ୍ଠୀ ନିର୍ଦ୍ଦେଶିକା ମମତା ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉଦ୍ୟାନ କୃଷି ବିଭାଗ କ୍ଷେତ୍ର ପରିଦର୍ଶକ କଲ୍ୟାଣ ପାଣିଗ୍ରାହୀ, ଏସ୍ଏଚ୍ଜି ପ୍ରୋଗ୍ରାମ ମ୍ୟାନେଜର ପ୍ରଫୁଲ୍ଲ ପାଗଡ଼, ସତ୍ୟଜିତ୍ ରାଉତ ପ୍ରମୁଖ ଯୋଗଦେଇଥିଲେ। ଆଧୁନିକ ପ୍ରଣାଳୀରେ କୃଷିଜାତ ଦ୍ରବ୍ୟ ଉତ୍ପାଦନ କରି ସେଗୁଡ଼ିକୁ ନେଇ କେଉଁଭଳି ସାଧାରଣ ବଜାରଗୁଡ଼ିକରେ ବ୍ୟବସାୟ କରିପାରିବ ସେନେଇ ଆଲୋଚନା ହୋଇଥିଲା। ବିଶେଷ କରି ଅଂଶୀଦାର କୃଷକମାନେ କିପରି ଲାଭାନ୍ୱିତ ହେବେ ସେ ସମ୍ପର୍କରେ ଅଧିକାରୀମାନେ ମତବ୍ୟକ୍ତ କରିଥିଲେ। ଏହାଛଡ଼ା କୃଷକମାନଙ୍କୁ ବିଭିନ୍ନ ଚାଷରେ ମନୋନିବେଶ କରିବାକୁ ଉତ୍ସାହିତ କରିଥିଲେ। ଏଥିରେ ୫୦ରୁ ଅଧିକ ମହିଳା ଓ ପୁରୁଷ ଅଂଶଧାରୀ କୃଷକ ଉପସ୍ଥିତ ଥିଲେ। ଆୟୋଜିତ କାର୍ଯ୍ୟକ୍ରମକୁ ସଭ୍ୟ ଅନୁସୟା ବାରିକ, କନକଲତା ରାଉତ, ସୁରେଖା ଦାସ ପ୍ରମୁଖ ପରିଚାଳନା କରିଥିଲେ।

## ଭଦ୍ରକରେ ଏଏସ୍ଏମ୍ଆଇଟି ଆଥ୍‌ଲେଟିକ୍ସ ପ୍ରତିଯୋଗିତା

# ୫୦୦ ପ୍ରତିଯୋଗୀଙ୍କ ଅଂଶଗ୍ରହଣ



ଭଦ୍ରକ, ୯।୩(ସମିସ): ଯୁବ କାର୍ଯ୍ୟ ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟରତ ମୋ ଭାରତ, କେଆଇସି ଭଦ୍ରକ ପକ୍ଷରୁ ଜିଲ୍ଲାସ୍ତରୀୟ ଏଏସ୍ଏମ୍ଆଇଟିଏ ଆଥ୍‌ଲେଟିକ୍ସ ପ୍ରତିଯୋଗିତା ଭଦ୍ରକ ସହରର ପିଏମ୍ ବଗୁରାଇ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ଯୁବ କ୍ରୀଡ଼ାବିତ୍‌ମାନେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ,

## ଯୁବଗୋଷ୍ଠୀଙ୍କ ମଧ୍ୟରେ କ୍ରୀଡ଼ା ମନୋଭାବ ବୃଦ୍ଧି ପାଇଁ ପ୍ରୟାସ

ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ଉପଜିଲ୍ଲାପାଳ ଓ ଜିଲ୍ଲା କ୍ରୀଡ଼ା ଅଧିକାରୀ ଦେବବ୍ରତ ମହାପାତ୍ର, ନାଭାଲ କମାଣ୍ଡିଂ ଅଫିସର କମାଣ୍ଡର ସୁଦୀପ୍ତ କୁମାର ସାହୁ ଓ ଓଏସ୍ଡି (ସ୍ପୋର୍ଟ୍ସ) ରମେଶ କୁମାର ମହାନ୍ତି ଉଦ୍‌ଘାଟନ କରିଥିଲେ। ଅତିଥିମାନେ ଉପସ୍ଥିତ ରହି ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିବା ସହ ବିଜେତାମାନଙ୍କୁ ପୁରସ୍କୃତ କରିଥିଲେ। ଉକ୍ତ ପ୍ରତିଯୋଗିତାରେ ପ୍ରାୟ ୫୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ୧୦୦ ମିଟର, ୨୦୦ ମିଟର ଓ ୪୦୦ ମିଟର ଦୌଡ଼ ସହିତ ବିଭିନ୍ନ ଖେଳ ବିଭାଗରେ ୧୩ ବର୍ଷରୁ କମ୍, ୧୩ରୁ ୧୮ ବର୍ଷ ଓ ୧୮ ବର୍ଷରୁ ଉର୍ଦ୍ଧ୍ୱ ବର୍ଗରେ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ବିଜେତା ପ୍ରତିଯୋଗୀମାନଙ୍କୁ ନଗଦ ପୁରସ୍କାର ଓ ସମ୍ମାନ ପ୍ରଦାନ କରାଯାଇଥିଲା। ଜିଲ୍ଲା ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହି ଯୁବଗୋଷ୍ଠୀଙ୍କୁ କ୍ରୀଡ଼ା ମାଧ୍ୟମରେ ସୁସ୍ଥ ଜୀବନ ଅନୁଶୀଳନ କରିବାକୁ ଆହ୍ୱାନ ଦେଇଥିଲେ। ଏପରି କ୍ରୀଡ଼ା ପ୍ରତିଯୋଗିତା ମାଧ୍ୟମରେ ଜିଲ୍ଲାର ଯୁବ ପ୍ରତିଭାମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ଆଗକୁ ବଢ଼ିବାର ସୁଯୋଗ ମିଳିବ ବୋଲି ଆୟୋଜକମାନେ ଆଶା ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମଟି କେଆଇସି ଭଦ୍ରକର ପିସିଏ ରାଜେଶ ନାୟକ ଓ ମୋ ଭାରତ, ଭଦ୍ରକର କାର୍ଯ୍ୟାଳୟ କର୍ମଚାରୀ ପ୍ରକାଶ କୁମାର ମଲ୍ଲିକଙ୍କ ସହଯୋଗରେ ସଫଳତାର ସହ ଆୟୋଜନ କରାଯାଇଥିଲା।

● ହରମୋହନ ସ୍ମାରକୀ କ୍ରିକେଟ

# ସେମିରେ ରାଇଜିଂ ଷ୍ଟୁଡେଣ୍ଟ କଟକ



ବାରିକପୁର, ୯।୩(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ବୟାବନାପୁର ପଞ୍ଚାୟତ ଚନ୍ଦ୍ରଭାନୁପୁର କ୍ରିକେଟ ପଡ଼ିଆରେ ଚନ୍ଦ୍ରଶେଖର କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ହରମୋହନ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ରାଇଜିଂ ଷ୍ଟୁଡେଣ୍ଟ କଟକ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୨୧୨ ରନ୍ ସଂଗ୍ରହ କରିଥିଲା। ଜବାବରେ ଆଦିତ୍ୟ ଇଲେଭେନ ୧୩ ଓଭରରେ ସମସ୍ତ ୱିକେଟ ହରାଇ ୧୦୮ ରନ୍ କରି ପରାସ୍ତ ହୋଇଥିଲା। ଫଳରେ ରାଇଜିଂ ଷ୍ଟୁଡେଣ୍ଟ କଟକ ସେମିରେ ପ୍ରବେଶ କରିଛି। ଅଜିତ୍ କୁମାର ବେହେରାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଦୁର୍ଗା ପଟ୍ଟନାୟକ ଓ ସଞ୍ଜୟ ଶତପଥି ଅମ୍ପାୟାର ଭାବେ ଖେଳ ପରିଚାଳନା କରିଥିବାବେଳେ ପ୍ରତ୍ୟୁଷ ସାହୁ ଓ ପ୍ରଦୀପ ଜେନା ମ୍ୟାଚ୍‌ର ଧାରା ବିବରଣୀ ପ୍ରଦାନ କରିଥିଲେ। ମଙ୍ଗଳବାର ଚତୁର୍ଥ କ୍ୱାର୍ଟର ଫାଇନାଲ୍ ମ୍ୟାଚ୍ ଇଲେଭେନ ଷ୍ଟାର୍ ଯାଜପୁର ସହିତ ୟୁନିୟନ ସ୍ପୋର୍ଟିଂ କଟକ ମଧ୍ୟରେ ଅନୁଷ୍ଠିତ ହେବ ବୋଲି କ୍ଲବ୍ ପକ୍ଷରୁ ସୂଚନା ଦିଆଯାଇଛି।

# ନିମ୍ନମାନର କାଡ଼ା ନାଳ ନିର୍ମାଣ; ତଦାରଖ ହେଉନି

ବାରିକପୁର, ୯।୩(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଏବେ କାଡ଼ାନାଳ କାର୍ଯ୍ୟ ଆରମ୍ଭ ହୋଇଛି। କାମ ପାଇଁ ସ୍ଥାନୀୟ ପାଣି ପଞ୍ଚାୟତ ନାମରେ ସମସ୍ତ କାଗଜପତ୍ର ହେଉଥିବାବେଳେ ପ୍ରକୃତ ପକ୍ଷେ ବିଭାଗୀୟ ଯନ୍ତ୍ରୀଙ୍କ ବିଶ୍ୱାସ ଲଭିଥିବା ପେଟି ଠିକାଦାର କୋଟି କୋଟି ଟଙ୍କାର କାର୍ଯ୍ୟ କରୁଛନ୍ତି। ସେ ଯାହାବି ହେଉ ଚାଷୀଙ୍କ ସୁବିଧା ପାଇଁ କାମ ହେଉଥିବାବେଳେ ତଦାରଖ ପାଇଁ କେହି ନାହାନ୍ତି। ବିଭାଗୀୟ ଯନ୍ତ୍ରୀ କେତେଜଣ କେବଳ ଔପଚାରିକ ଦୃଷ୍ଟିରୁ ବେଳେ ଅଧେ କ୍ଷେତ୍ରକୁ ଆସି ନିଜ ଦାୟିତ୍ୱ ସାରି ଦେଇଛନ୍ତି। ପାଣି ପଞ୍ଚାୟତ ନାମରେ କାମ କରୁଥିବା ଠିକାଦାରମାନେ ସଠିକ୍ ମାନଦଣ୍ଡକୁ ଫାଙ୍କି କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି। ନିଜ ସୁବିଧା ପାଇଁ ଯେଉଁଠି ଆବଶ୍ୟକ ନାହିଁ ସେଠାରେ ମଧ୍ୟ ନାଳ ନିର୍ମାଣ ହେଉଛି। କାମରେ ବାଲି, ସିମେଣ୍ଟ ଓ ଚିପ୍ସ ବ୍ୟବହାରକୁ ନେଇ ସନ୍ଦେହ ସୃଷ୍ଟି ହୋଇଥିବାବେଳେ କାମ ପରବର୍ତ୍ତୀ ସମୟରେ ଆଦୌ ପାଣି ବ୍ୟବହାର ହେଉ ନ ଥିବା କୁହାଯାଇଛି। ଏବେ ନୂଆ ଏଷ୍ଟିମେଟ୍ ଅନୁଯାୟୀ ନାଳ ନିର୍ମାଣରେ ଲୁହା ଛଡ଼ ଦେବାକୁ ବ୍ୟବସ୍ଥା ରହିଛି। ପରିତାପର ବିଷୟ କେଉଁ କମ୍ପାନୀ ଓ କେଉଁମାନର ଲୁହା ଛଡ଼ ବ୍ୟବହାର ହେଉଛି ତାହା ମଧ୍ୟ କହିବା ମୁସ୍କିଲ୍ ହୋଇଛି। ସମ୍ପ୍ରତି ଏଭଳି ସନ୍ଦେହାତ୍ମକ କାର୍ଯ୍ୟ ବ୍ଲକ୍‌ର ରହଣିଆ, ଜୋରାଗଡ଼ିଆ, କହରାପୋଖରୀ, ମଞ୍ଜୁରୀ ରୋଡ୍, ନେରଡା, ପାଟୁଳି ପ୍ରମୁଖ ଅଞ୍ଚଳରେ ହେଉଥିବା ଜଣାପଡ଼ିଛି। ପ୍ରତ୍ୟେକ ବର୍ଷ ପାଣି ଭଳି ଟଙ୍କା ଖର୍ଚ୍ଚ ହୋଇ କାଡ଼ାନାଳ ନିର୍ମାଣ ହେଉଥିବାବେଳେ ସଠିକ୍ ତଦାରଖ ଅଭାବରୁ କାମର ସ୍ଥାୟିତ୍ୱ ରହୁ ନ ଥିବା ଅଭିଯୋଗ ହେଉଛି। ଫଳରେ ହଜାର ହଜାର ଚାଷୀ ଏଥିରେ ଉପକୃତ ହେଉନାହାନ୍ତି।



● ଅନ୍ତର୍ଜାତୀୟ ଟିଲୋ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ସେମିଫାଇନାଲରେ ହାଇଦରାବାଦ ଓ କୋଲକାତା

ବନ୍ତ/ଆଗରପଡ଼ା, ୯।୩(ସମିସ)



ମହମ୍ମଦ ଶରିମଙ୍କ ସେନ୍ସେସ୍‌ନାଲ୍ ଫର୍ମ ଯୋଗୁଁ ନେକ୍ସେଜ୍ ହାଇଦରାବାଦ ଟିଲୋ ଟି-୨୦ କପ୍‌ର ସେମିଫାଇନାଲ୍‌ରେ ନିଜ ଜାଗା ସୁନିଶ୍ଚିତ କରିଛି। ସୋମବାର ଟିଲୋର ହନୁମାନଜୀଉ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ସେ କେବଳ ୯ଟି ବଲ୍‌ରେ ତାଙ୍କ

## ମହମ୍ମଦ ଶରିମ୍‌ଙ୍କ ରେକର୍ଡ

ଅର୍ଦ୍ଧଶତକ ପୂରଣ କରି ଦୀପେନ୍ଦ୍ର ସିଂହ ଏୟାରୀଙ୍କ ରେକର୍ଡ ସମକକ୍ଷ ହୋଇଥିଲେ। ଯିଏ ୨୦୨୩ ଏସିଆନ୍ ଗେମ୍ସରେ ମଙ୍ଗୋଲିଆ ବିରୋଧରେ ଏହି କୃତିତ୍ୱ ହାସଲ କରିଥିଲେ। ହାଇଦରାବାଦ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୭ଟି ୱିକେଟ୍ ହରାଇ ୨୭୩ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ମହମ୍ମଦ ଶରିମ୍ ୧୮ ବଲରୁ ୧୩ଟି ଛକା ସହାୟତାରେ ଦ୍ରୁତ ୮୦ ରନ୍, ନିଶାନ୍ତ ଯାଦବ ୬୧ ରନ ଏବଂ ରାହୁଲ ୩୨ ରନ୍ ସଂଗ୍ରହ କରିଥିଲେ। ଜେପି ସ୍ପୋର୍ଟସ୍, ନୋଏଡ଼ା ପକ୍ଷରୁ ପ୍ରବୀଣ ଯାଦବ ୨ଟି ୱିକେଟ ଅକ୍ତିଆର କରିଥିଲେ। ଜବାବରେ ଜେପି ସ୍ପୋର୍ଟସ୍, ନୋଏଡ଼ା ୧୯.୪ ଓଭରରେ ସମସ୍ତ ୱିକେଟ ହରାଇ ୧୨୮ ରନ୍ କରିବାକୁ ସକ୍ଷମ ହୋଇଥିଲେ। ଏହି ବିଜୟ ସହ ହାଇଦରାବାଦ ୩ଟି ମ୍ୟାଚ୍‌ରୁ ୨ଟି ଜିତି +୨.୮୩୧ ନେଟ୍ ରନ୍ ରେଟ୍ ସହ ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନକୁ ଉଠିଛି। ସୋମବାର ପ୍ରଥମ ମ୍ୟାଚ୍‌ରେ ଏଏଣ୍ଡଏସ୍, କୋଲକାତା ଲାଇଟନିଂ ଲିଜେଣ୍ଡସକୁ ପରାସ୍ତ କରି ଦମ୍‌ଦାର ବିଜୟ ହାସଲ କରିଥିଲା। ଅଙ୍କିତ ନରୱାଲଙ୍କ ୪୦ ରନ୍‌ର ଇନିଂସ୍‌ରେ ଲିଜେଣ୍ଡସ ୧୩୫ ରନ୍ କରିଥିଲା। ଏଏଣ୍ଡଏସ୍, କୋଲକାତାର ଓପନର୍ ଦିପାନନ୍ଦୁ ଉପାଧ୍ୟାୟଙ୍କ ୪୮ ରନ୍ ସହାୟତାରେ ଦଳ ୯.୧ ଓଭରରେ ୩ ୱିକେଟ ବିନିମୟରେ ୧୪୧ ରନ୍ ସଂଗ୍ରହ କରି ବିଜୟ ଲାଭ କରିଥିଲା। ଏହି ବିଜୟ ସହ ଏଏଣ୍ଡଏସ୍, କୋଲକାତା ସେମିଫାଇନାଲ୍ ପାଇଁ ଯୋଗ୍ୟତା ହାସଲ କରିଥିବାବେଳେ ଲିଜେଣ୍ଡସ ଟୁର୍ଣ୍ଣାମେଣ୍ଟରୁ ବିଦାୟ ନେଇଛି। କୋଲକାତା ବର୍ତ୍ତମାନ ୩ଟି ମ୍ୟାଚ୍‌ରୁ ୨ଟି ଜିତି +୨.୦୦୭ ନେଟ୍ ରନ୍ ରେଟ୍ ସହ ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନରେ ଅଛି।

# ୫ ବର୍ଷ ହେଲାଣି ମରାମତି ହେଉନି ୫ ମିଟର ରାସ୍ତା

ବାରିକପୁର, ୯।୩(ସମିସ):



ଭଣ୍ଡାରିପୋଖରୀ ବଜାର ତୋରଡ ପୋଲଠାରୁ ବସ୍‌ଷ୍ଟାଣ୍ଡ ଦେଇ ପାଳଦା ବାଙ୍କ ଚକବନ୍ଦୀ ଛକକୁ ରହିଛି ପ୍ରାୟ ୧ କି.ମି. ରାସ୍ତା। ଜାତୀୟ ରାଜପଥ ସଂଯୁକ୍ତ 'ଜ' ନାଳ ପାର୍ଶ୍ୱକୁ ଲାଗି ଏହି ପଥଟି ସର୍ବଦା ଚଳଚଞ୍ଚଳ ଥାଏ। ଦୈନିକ ଶହଶହ ବାଇକ୍ ଓ ସାଇକଲ ସହିତ ବିଭିନ୍ନ ଛୋଟ ଛୋଟ ଯାତ୍ରୀବାହୀ ଯାନ ଏହି ରାସ୍ତାରେ ଗମନାଗମନ କରିଥାଏ। ଏହାଛଡ଼ା ଅନେକ ସ୍କୁଲ କଲେଜ ଛାତ୍ରଛାତ୍ରୀ ବିଭିନ୍ନ ଯାନବାହନ ଓ ସାଇକଲ ଯୋଗେ ମଧ୍ୟ ଏହି ବାଟରେ ଯାତାୟାତ କରିଥା'ନ୍ତି। ଦୁଃଖର ବିଷୟ ଶାରଦା ବିଦ୍ୟାମନ୍ଦିର ନିକଟସ୍ଥ ସ୍ଥାନରେ ଏଯାଏଁ ୫ ମିଟର ରାସ୍ତା ନବୀକରଣ ହୋଇନାହିଁ। ଜାତୀୟ ରାଜପଥ ସମ୍ପ୍ରସାରଣ ବେଳେ କିଛି ବିବାଦରୁ ଏହି ସ୍ଥାନଟି ନବୀକରଣ ହୋଇ ନ ଥିଲା। ନିର୍ମାଣକାରୀ ସଂସ୍ଥା ୧ କି.ମି. ରାସ୍ତା ମଧ୍ୟରୁ ଏହି ସ୍ଥାନକୁ ଛାଡ଼ିଦେଇ ଯାଇଥିବା ଜଣାପଡ଼ିଛି। ପ୍ରାୟ ୫ବର୍ଷ ହେଲା ଏହି ସ୍ଥାନଟି ଏକ କ୍ଷୁଦ୍ର ଗଡ଼ିଆ ସଦୃଶ ଖାଲଖମାରେ ପରିଣତ ହୋଇ ରହିଛି। ଏଥିପାଇଁ ଗମନାଗମନ ବେଳେ ପଥଚାରୀମାନେ ଘୋର୍ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ଦୈନିକ କିଛି ନା କିଛି ଛୋଟମୋଟ ଦୁର୍ଘଟଣା ଏଠାରେ ଘଟୁଛି।

ଯେଉଁ ବିଦ୍ୟାର୍ଥୀମାନେ ସାଇକଲରେ ସ୍କୁଲ, କଲେଜ ଯାଉଛନ୍ତି, ଟିକିଏ ଅସାବଧାନତା ହେଲେ ଏହି ରାସ୍ତାରେ ପଡ଼ି ଆହତ ହେଉଛନ୍ତି। ବର୍ଷା ଅସରାଏ ହେଲେ ଅବସ୍ଥା ଆହୁରି ଜଟିଳ ହେଉଛି। ବିପଦସଙ୍କୁଳ ସ୍ଥାନକୁ ମରାମତି ପାଇଁ ପ୍ରଶାସନ ଦୃଷ୍ଟି ଦେଉଛି ନା ଜାତୀୟ ରାଜପଥ ସଂସ୍ଥା ଦୃଷ୍ଟି ଦେଉଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା ଶାରଦା ବିଦ୍ୟାଳୟକୁ ସଦାସର୍ବଦା ବିଭିନ୍ନ କାର୍ଯ୍ୟକ୍ରମରେ ଅନେକ ନେତା ମନ୍ତ୍ରୀ ଆସୁଥିବାବେଳେ ସାମ୍ନାରେ ଥିବା ଏହି ସମସ୍ୟା ଉପରେ କେହି ଗୁରୁତ୍ୱ ଦେଉନାହାନ୍ତି। ଏପରିକି ନେତାମାନେ ନିର୍ମାଣକାରୀ ସଂସ୍ଥାକୁ ରାସ୍ତା ମରାମତି ପାଇଁ କେବେ ମଧ୍ୟ ତାଗିଦ୍ କରିନାହାନ୍ତି। ତେଣୁ ବର୍ଷ ବର୍ଷ ଧରି ଦୈନନ୍ଦିନ ଲୋକେ ଯାତାୟାତ ଜନିତ ଯନ୍ତ୍ରଣା ଭୋଗୁଛନ୍ତି। ଅତ୍ୟାଧୁନିକ ରାସ୍ତା ନିର୍ମାଣ ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ମାତ୍ର କେଇ ହାତ ପଥ ସମ୍ପୂର୍ଣ୍ଣ ନ ହେବା ପରିତାପର ବିଷୟ ପାଲଟିଛି।

